ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.272 Bhubaneswar Sunday, December 19, 2021 | ୨୪ତମ ବର୍ଷ ସଂଖ୍ୟା-୨୭୨ ଭୁବନେଶ୍ୱର, ରବିବାର, ଡିସେମ୍ବର ୧୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


## ଆମେଥୀର ସବୁ ଗଳି ଆଜିବି ସେମିତି, ଯେମିତି ଥିଲା ଆଗରୁ, ଅନ୍ୟାୟ ବିରୋଧରେ ଆମେ ଆଜିବି ଏକଜୁଟ : ରାହୁଲ

ଆମେଥୀ, ୧୮।୧୨: କଂଗ୍ରେସ ୱାଇନାଡ ସାଂସଦ ରାହୁଲ ଗାନ୍ଧି ଗତ ୨୦୧୯ ଲୋକସଭା ନିର୍ବାଚନରେ ତାଙ୍କ ପାରମ୍ପରିକ ନିର୍ବାଚନମଣ୍ଡଳୀ ଆମେଥିରୁ ଶୋଚ୍ନୀୟ ପରାସ୍ତ ହୋଇଥିଲେ। ସେବେଠାରୁ ରାହୁଲ ଆମେଥୀ ଦ୍ୱିତୀୟବାର ଗସ୍ତ କରିନଥିବା ବେଳେ ଶନିବାର ଭଉଣୀ ପ୍ରିୟଙ୍କାଙ୍କ ସହ ଆମେଥିରେ ପଦଯାତ୍ରା କରିଛନ୍ତି। ପ୍ରିୟଙ୍କା ଓ ରାହୁଲଙ୍କ ଏହି ପଦଯାତ୍ରା ମାତ୍ର ୬ କିଲୋମିଟରର ଥିଲା। ହେଲେ ତାଙ୍କ ସହ ଚାଲିଥିବା ଜନସଂଖ୍ୟା ସେଠାରେ କଂଗ୍ରେସର ଏବେକା ସ୍ଥିତିକୁ ପ୍ରଦର୍ଶିତ କରିଛି। ରାହୁଲ ତାଙ୍କ ପୁରୁଣା ଲୋକସଭା ନିର୍ବାଚନମଣ୍ଡଳୀରେ ତାଙ୍କ ପ୍ରତି ଜନତାଙ୍କ ଆବେଗକୁ ଦେଖି କିଛିସମୟ ବିହ୍ୱଳିତ ହୋଇଯାଇଥିଲେ। ଆମେଥିର ସବୁ ଗଳି ଆଜି ବି ସେମିତି ଯେମିତି ଆଗରୁ ଥିଲା ବୋଲି କହିଛନ୍ତି। ତେବେ ଏଠି ଏହି ସମୟରେ ଅନେକ କିଛି ପରିବର୍ତ୍ତନ ହୋଇଥିବାର ସେ ଅନୁଭବ କରୁଥିବା କହିଛନ୍ତି। ଯାହା ବଦଳିଛି ତାହା ହେଉଛି ଲୋକଙ୍କ



ମନରେ ଥିବା ଭାବନା ବୋଲି କହିଛନ୍ତି। ତେବେ ସବୁଠୁ ବଡ଼ ଖୁସିର କଥା ହେଉଛି ଆମେ ଆଜିବି ଅନ୍ୟାୟ ବିରୋଧରେ ଏକଜୁଟ ବୋଲି ରାହୁଲ କହିଛନ୍ତି।ଆମେଥିରେ ରାହୁଲ ଗାନ୍ଧି ପାର୍ଟିର ନେତା ଓ ଶହଶହ ପାର୍ଟି କାର୍ଯ୍ୟକର୍ତ୍ତା ଏବଂ କର୍ମୀଙ୍କ ଗହଣରେ ପଦଯାତ୍ରା କରିଥିଲେ। ଏହି ଅବସରରେ ରାହୁଲ ବିଜେପିକୁ ରୋଜଗାର ପ୍ରତିଶ୍ରୁତି, ଚାଷୀଙ୍କୁ ନେଇ ମନଭାବ, ଚୀନ ସମ୍ପର୍କିତ ତଥ୍ୟ ଆଦି ପ୍ରସଙ୍ଗରେ ଘେରିଥିଲେ। ନିର୍ବାଚନ ପୂର୍ବରୁ ମୋଦି ସରକାର ଯୁବକଙ୍କୁ ରୋଜାଗରର ସ୍ୱର୍ଣ୍ଣିମ ସ୍ୱପ୍ନ ଦେଖାଇଥିଲେ। ଆମେଥିରେ ଲୋକେ ସେମାନଙ୍କ କଥାରେ ଭଳି ବିଜେପିକୁ ଭୋଟ ବି ଦେଲେ ସାଂସଦୀୟ କ୍ଷେତ୍ରରେ କେତେ ଯୁବକଙ୍କୁ ସେମାନେ ନିଯୁକ୍ତି ଦେଇଛନ୍ତି, କେତେ ଚାଷୀଙ୍କ ରୋଜଗାର ଦୁଇଗୁଣା କରିଛନ୍ତି ବୋଲି ରାହୁଲ ପ୍ରଶ୍ନ କରିଥିଲେ।ସରକାର ଲୋକଙ୍କୁ ଦେଖାଇଥିବା ସ୍ୱପ୍ନ କିପରି ପୂରଣ କରିଛନ୍ତି ତାହା ତାଙ୍କ ପଦଯାତ୍ରାରୁ ସେ ଅନୁଭବ କରିପାରୁଥିବା କହିଛନ୍ତି। ଭାରତରେ ଜଣେ ହିନ୍ଦୁକୁ ସେ ହିନ୍ଦୁ ବୋଲି ପ୍ରଚାର କରିବାର ଆବଶ୍ୟକତା ଅଛିକି ବୋଲି ରାହୁଲ ଲୋକଙ୍କୁ ପଚାରିଛନ୍ତି। ହିନ୍ଦୁ ସର୍ବଦା ନିଡର, ସେ ସମସ୍ତଙ୍କୁ ଭଲପାଏ କୋଳାଗ୍ରତ କରେ। ହେଲେ ହିନ୍ଦୁବାଦୀର ସବୁ ପ୍ରତି ଭୟ। ସେ ହିନ୍ଦୁର ପାଖ ବି ମାଡେନି । ସେମାନଙ୍କ ହିନ୍ଦୁତ୍ୱବାଦ ଯେପରି ମିଛ ସେମାନଙ୍କ ସବୁ ସଫେଇ ମଧ ସେପରି ମିଛ। ଏହାର ପ୍ରମାଣ କୃଷି ଆଇନ ଓ କୃଷକ ଆନ୍‌ଦୋଳନ ବୋଲି କହିଛନ୍ତି ରାହୁଲ। ଭାରତର ମାଟିକୁ ଚୀନ୍ ? ମାଡି ବସିବା ନେଇ ସେମାନଙ୍କ ସଫେଇ ମଧ ସେହିପରି ମିଥ୍ୟା ବୋଲି ସେ କହିଛନ୍ତି।

## ଗୋଟିଏ ଦିନରେ ୧୬୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୮।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୬୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୨୬୪୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୨ ହଜାର ୨୨୪ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୨୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୬୯ ଜଣଙ୍କ ମଧ୍ୟରୁ ୯୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୮୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍‌ନଟ ହୋଇ ନାହାନ୍ତି। ବାଲେଶ୍ୱର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଭଦ୍ରକ ଜିଲ୍ଲାରୁ ୨, ବଲାଙ୍ଗୀର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୯ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ବେଳେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଓ ଗଜପତି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଂଜାମ ଜିଲ୍ଲାରେ ୭, ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୮୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୯ ଜଣ ଓ ଷ୍ଟେଟ୍ ପୁଲରୁ ୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ବଢୁଛି ସାଇବର ଠକେଇ

*ଏନିଡେସ୍କ ଆପ୍ ଡାଉନ ଲୋଡ୍ ନକରିବାକୁ ଡିସିପିଙ୍କ ଅନୁରୋଧ*

ଭୁବନେଶ୍ୱର, ୧୮।୧୨(ପି.ଏନ): ଗତ ଫେବୃଆରୀ ୧ ରୁ ୧୫ ଡିସେମ୍ବର ଭିତରେ ସାଇବର ଠକ ୬ କୋଟି ୭୯ ଲକ୍ଷ ୮୫ ହଜାର ୩୪୪ ଟଙ୍କା ଲୁଟିନେଇଛନ୍ତି। ତେବେ ଘଟଣା ଘଟିବାର ୨୪ ଘଂଟା ମଧ୍ୟରେ ହେଲ୍ପ ଲାଇନ ନମ୍ବରକୁ କଲ କରି ଠକେଇର ଶିକାର ହୋଇଥିବା ଲୋକ ୧ କୋଟି ୪୮ ଲକ୍ଷ ୧୧ ହଜାର ୮୭୦ ଟଙ୍କା ଫେରିପାଇଛନ୍ତି ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ଉମାକାନ୍ତ ଦାସ। ସେହିପରି ଏନିଡେସ୍କ ଆପ୍ଲିକେସନ ଡାଉନଲୋଡ଼ କଲେ ଅଧିକ ଠକେଇ ହେଉଛି ଓ ଏନିଡେସ୍କ ଆପ୍ଲିକେସନକୁ ଡାଉନଲୋଡ଼ ନ କରିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।ସେ କହିଛନ୍ତି ଯେ ଏହି ସମୟ ମଧ୍ୟରେ ଭୁବନେଶ୍ୱର ସାଇବର ସେଲରେ ମୋଟ ୬୭ଟି କେସ୍ ପଞ୍ଜିକୃତ ହୋଇଛି। ଠକେଇ ଘଟଣାରେ ମୋଟ ୧୩ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗୃହ ବିଭାଗର ସାଇବର ସେଫକୁ ସମସ୍ତ ଫ୍ରଡ୍ କଲ ନମ୍ବର ପଠାଇଛି କମିଶନରେଟ ପୋଲିସ। ଠକେଇ ହେବା ପରେ ଟୋଲ ଫ୍ରି ନମ୍ବରରେ ଅଭିଯୋଗ ପାଇଁ କେବଳ ଭୁବନେଶ୍ୱରରୁ ୨୮୭୨ କଲ ଆସିଥିବାବେଳେ ଭୁବନେଶ୍ୱର ବାହାରୁ ସାଢ଼େ ୩ ହଜାର କଲ ଆସିଛି ।ଗୁଗୁଲ ମ୍ୟାପରୁ ସାଇବର ଠକଙ୍କ ଲୋକେସନ କମିଶନରେଟ ପୋଲିସ ଟ୍ରାକ କରୁଥିବାବେଳେ ଭୁବନେଶ୍ୱରରେ ଜମତାରା ଗ୍ୟାଙ୍ଗ ସକ୍ରିୟ ଥିବାର ଡିସିପି କହିଛନ୍ତି ।

## ତୃତୀୟ ଲହରର ମୁକାବିଲା ଲାଗି ପ୍ରସ୍ତୁତ ଅଛୁ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୮।୧୨(ପି.ଏନ): ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର କହିଛନ୍ତି ଯେ ତୃତୀୟ ଲହର ମୁକାବିଲା ଲାଗି ଆମେ ପ୍ରସ୍ତୁତ ଅଛୁ। ଏଠାରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ସେ ଏହା କହିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ , ଯେତେ ରୋଗୀ ଚିହ୍ନଟ ହେଲେ ମ୍ଧ ତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆମର ପ୍ରସ୍ତୁତି ରହିଛି । ବ୍ରିଟେନରେ ଯେମିତି ସଂକ୍ରମଣ ବଢୁଛି, ତୃତୀୟ ଲହର ସମ୍ଭାବନା ନିଶ୍ଚିତ ରହିଛି । ତେଣୁ ଯାହା ସରକାରଙ୍କର ନିୟମାବଳୀ ରହିଛି, ଆନ୍ତର୍ଜାତିକ ଯାତ୍ରୀଙ୍କର ସର୍ଭେଲାନ୍ସ କରାଯିବା ସହ ସତର୍କତା ବଢା ଯାଇଛି । ଓମିକ୍ରନ ଚିହ୍ନଟ ପାଇଁ ଜିନମ ସିକ୍ୱେନ୍ସିଂ ଆବଶ୍ୟକ। ତେଣୁ ସିକ୍ୱେନ୍ସିଂ ପାଇଁ ଯାଉଥିବା ନମୁନା ସଂଖ୍ୟା ବଢାଇବାକୁ କୁହାଯାଇଥିବା ସେ ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଏବେ ସୁଦ୍ଧା ରାଜ୍ୟକୁ ଆଟ ରିସ୍କ ଦେଶ ମାନଙ୍କରୁ ୧୫ ଶହରୁ ଅଧିକ ଲୋକ ଆସିଲେଣି। ଯାହା ତଥ୍ୟ ଅଛି, ଓମିକ୍ରନର ଲକ୍ଷଣ ପୂର୍ବ ଭଳି ପ୍ରାୟ ସମାନ। ଦ୍ୱିତୀୟ ଲହରରେ ଯେଉଁ ଟ୍ରିଟମେଂଟ ଥିଲା, ଏବେ ବି ତାହା ରହିଛି। ଓମିକ୍ରନ ଯୋଗୁ ଯେଉଁ ପରିସ୍ଥିତି ସୃଷ୍ଟି ହେବ, ତାକୁ ସମ୍ଭାଳିବା ଲାଗି ଆମର କ୍ଷମତା ରହିଥିବା ସେ କହିଛନ୍ତି । ସେ କହିଛନ୍ତି ଯେ ରୋଗୀ ସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଭିତ୍ତିଭୂମି ବଢ଼ାଯିବ। ପୂର୍ବ ପ୍ରସ୍ତୁତି ସହ ଅକ୍ସିଜେନ, ବେଡ, ଜରୁରୀ ଔଷଧ ମହଜୁଦ ରଖାଯାଉଛି। ନିୟମିତ ଏହାର ତର୍ଜମା କରାଯାଉଛି ଓ ପ୍ରସ୍ତୁତି ଚାଲିଛି। ରାଜ୍ୟର ସମସ୍ତ କୋଭିଡ ହସ୍ପିଟାଲ, ଘରୋଇ ହସ୍ପିଟାଲରେ ସ୍ୱତନ୍ତ୍ର ଓମିକ୍ରନ ବ୍ଲକ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

## ଫେବୃୟାରୀ ୫ କୁ ଘୁଂଚିଲା ମହାନଦୀ ଜଳ ବିବାଦ ଶୁଣାଣି

ଭୁବନେଶ୍ୱର, ୧୮।୧୨(ପି.ଏନ): ପୁଣି ଘୁଂଚିଲା ମହାନଦୀ ଜଳ ବିବାଦ ଶୁଣାଣି । ଏହି ମାମଲାର ପରବର୍ତୀ ଶୁଣାଣି ଫେବୃୟାରୀ ୫ ତାରିଖରେ ହେବ। ବିଚାରପତି ଏ.ଏମ ଖାନଓ୍ୱିଲକରଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠରେ ଶନିବାର ମହାନଦୀ ବିବାଦ ମାମଲା ଶୁଣାଣି ହୋଇଛି। ଓଡ଼ିଶା ଛତିଶଗଡ଼କୁ ଟ୍ରିବୁନାଲର ନିର୍ଦ୍ଦେଶ ଦେଇଛନ୍ତି ଯେ, ଦୁଇ ପକ୍ଷ ଦେଇଥିବା ଇସ୍ୟୁ ଗୁଡ଼ିକର ଦସ୍ତାବିଜ ମଧ୍ୟରୁ କେଉଁଟି ଗ୍ରହଣ କରୁଛନ୍ତି ଏବଂ କେଉଁ ଗୁଡ଼ିକୁ ଗ୍ରହଣ କରୁନାହାଁନ୍ତି ସେ ଦସ୍ତାବିଜର ଫାଇନାଲ କପି ଟ୍ରିବ୍ୟୁନାଲ ନିକଟରେ ଦାଖଲ କରିବାକୁ କୁହାଯାଇଛି।

## ବସ୍ତି ବାସିନ୍ଦାଙ୍କ ପାଇଁ ଅଣ୍ଟା ଭିଡ଼ିଲା କଂଗ୍ରେସ

ଭୁବନେଶ୍ୱର, ୧୮।୧୨(ପି.ଏନ): ଆଜିକୁ ୧୧ ଦିନ ହେବ ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାଡ ନଂ- ୬୫ ଡୁମୁଡୁମା ହାଉସିଂବୋର୍ଡ ଫେଜ- ୧, ସୁବାଷବୋଷ ନଗର ବସ୍ତି ବାସିନ୍ଦାମାନେ ରାଜ୍ୟ ସରକାର ଦ୍ୱାରା ବେଆଇନ ବସ୍ତି ଉଚ୍ଛେଦକୁ ବିରୋଧ କରି ଦିବାରାତ୍ର ଧାରଣାରେ ବସିଛନ୍ତି। ଏହାକୁ ସମର୍ଥନ କରି ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଉକ୍ତ ଧାରଣାରେ ସାମିଲ ହୋଇଥିଲେ। ଧାରଣାରେ ଯୋଗଦେଇ ଏଆଇସିସି ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର ବସ୍ତିବାସିନ୍ଦାଙ୍କୁ ସମ୍ବୋଧିତ କରି କହିଥିଲେ ଗରିବ ଶ୍ରେଣୀୟ ଲୋକଙ୍କୁ କଂଗ୍ରେସ ଦଳ ସଦାସର୍ବଦା ସୁରକ୍ଷା ଦେଇ ଆସୁଛି। ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଠୁ ଆରମ୍ଭ କରି ରାଜୀବ ଗାନ୍ଧୀ, ମନମୋହନ ସିଂ ଙ୍କ ପର୍ଯ୍ୟନ୍ତ ଭୂମିହୀନଙ୍କୁ ଗୃହ ନିର୍ମାଣ ପାଇଁ ମାଗଣାରେ ଜମି ଏବଂ ପରବର୍ତି ସମୟରେ ଗୃହ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ଯୋଜନା କଂଗ୍ରେସ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଯୋଜନା ଗୁଡ଼ିକୁ ପରବର୍ତୀ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ନାମ ପରିବର୍ତନ କରି ନିଜସ୍ୱ ଯୋଜନା ହିସାବରେ ଲୋକଙ୍କ ଆଖିରେ ଧୂଳି ଦେଇଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁରୂପ ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ଦର୍ଶାଇ କହିଥିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ବିରୋଧି ସରକାର। ଦରଦାମ ଠାରୁ ଆରମ୍ଭ କରି ସ୍ଥାୟୀତ୍ୱ ପର୍ଯ୍ୟନ୍ତ ସବୁଥିରେ ବିଫଳ।

## ପାରାଦୀପ ବନ୍ଦରକୁ ଏର୍ମଜିଙ୍ଗ ମେଜର ପୋର୍ଟ ଅଫ ଦି ଇୟର (କାର୍ଗୋ) ପୁରସ୍କାର

ପାରାଦୀପ, ୧୮।୧୨(ପି.ଏନ): ପଣ୍ୟ କାରବାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପାରାଦୀପ ବନ୍ଦରକୁ ଚଳିତ ବର୍ଷର ଏର୍ମଜିଙ୍ଗ ମେଜର ପୋର୍ଟ ଅଫ ଦି ଇୟର ପୁରସ୍କାର ମିଳିଛି । ଶୁକ୍ରବାର ଦିନ ମୁମ୍ବାଇଠାରେ ଆୟୋଜିତ ଉଜ୍ୱଳ ସମାରୋହରେ ପାରାଦୀପ ବନ୍ଦରକୁ ସମୁଦ୍ର ମନ୍ଥନ ଏର୍ମଜିଙ୍ଗ ମେଜର ପୋର୍ଟ ଅଫ ଦି ଇୟର କାର୍ଗୋ ପୁରସ୍କାର ପ୍ରଦାନ କରାଯାଇଛି । ପାରାଦୀପ ବନ୍ଦର ପକ୍ଷରୁ ଟ୍ରାଫିକ ମ୍ୟାନେଜର ଜି.ଏଡିସନ୍ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଭଣ୍ଡାରକର ସିପିଙ୍ଗ ଦ୍ୱାରା ଆୟୋଜିତ ହୋଇଥିଲା ଏହି ପୁରସ୍କାର ପ୍ରଦାନ ସମାରୋହ। ସାମୁଦ୍ରିକ ଶିଳ୍ପ କ୍ଷେତ୍ରରେ ଏହା ଅଗ୍ରଣୀ ଅନୁଷ୍ଠାନ। ଏହା ନୌବାଣିଜ୍ୟିକ ଏବଂ ଅର୍ଥନୈତିକ ଲାଭ ପାଇଁ କାର୍ଯ୍ୟ କରିବାକୁ ତଥା ଏହି ଶିଳ୍ପକୁ ଅଧିକ ପ୍ରୋତ୍ସାହନ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ହାଇକୋର୍ଟ ମୁଖ୍ୟ ନ୍ୟାୟଧୀଶଙ୍କ ଦ୍ୱାରା ନୂତନ ନ୍ୟାୟଳୟ ପରିସର ଉଦଘାଟିତ

ଭଦ୍ରକ, ୧୮।୧୨(ପି.ଏନ): ନବନିର୍ମିତ ନ୍ୟାୟଳୟ ପରିସର ଭଦ୍ରକ ଆଜି ଏକ ଉତ୍ସବ ମୁଖର ପରିବେଶରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲିଧରଙ୍କ ଦ୍ୱାରା ଭରଚୁଆଲ ଜରିଆରେ ଉଦ୍ଘାଟିତ ହୋଇଯାଇଛି । ତାଙ୍କ ସହିତ ଅନ୍ୟତମ ଅତିଥି ଭାବେ ହାଇକୋର୍ଟର ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଦେବବ୍ରତ ଦାଶ ଉପସ୍ଥିତ ଥିଲେ । ଭଦ୍ରକ ଜିଲ୍ଲାର ଗେଲପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ନଳାଙ୍ଗଠାରେ ୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ୫ ଏକର ଜାଗା ପରିସରରେ ପ୍ରାୟ ୨୯ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ନ୍ୟାୟଳୟ ପରିସରର ଉଦଘାଟନୀ ସାଜସଜା ଆଜି ଖୁବ ସୁନ୍ଦର ଓ ଆକର୍ଷକ ଥିଲା ।ଭରଚୁଆଲ ମାଧ୍ୟମରେ ହୋଇଥିବା ଏହି ଉଦ୍ ?ଘାଟନୀ ଉତ୍ସବରେ ନ୍ୟାୟଳୟ ପରିସରରେ ଜିଲ୍ଲା ଓ ଗୈରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ, ଜିଲ୍ଲାପାଳ ତ୍ରିଲୋଚନ ମାଝୀ, ଏସ୍. ପି. ଚରଣସିଂ ମୀନା , ଭିଜିଲାନ୍ସ ଜଜ୍ ବାଲେଶ୍ୱର ଶିଖାରାଣୀ ରଥ, ଜଜ ପରିବାର ଅଦାଲତ, ପ୍ରଶନ୍ନ କୁମାର ପଣ୍ଡା, ଆଡ଼ହକ, ଆଡ଼ିସନାଲ



ଡିଷ୍ଟ୍ରିକ୍ଟ ଏଣ୍ଡ ସେସନ୍ ଜଜ, ମୀନତି କୁମାରୀ ପଣ୍ଡା, ଅତିରିକ୍ତ ଜିଲ୍ଲା ଓ ଗୈରାଜଜ୍ ଆଶିଷ କୁମାର ତ୍ରିପାଠୀ, ରେଜିଷ୍ଟ୍ରାର ତଥା ଆସିଷ୍ଟାଣ୍ଡ ସେସନ୍ସ ଜଜ୍ ଅବକାଶ ଚୌଧୁରୀ, ସେକ୍ରେଟାରୀ ଡ଼ାଲସା ସୁଶ୍ରୀ ସମାପିକା ମହାନ୍ତି, ସିନିୟର ସିଭିଲ ଜଜ୍ ହିମାଂଶୁ ଶେଖର ବିଶ୍ୱାଳ, ଅତିରିକ୍ତ ସିନିଅର ସିଭିଲ ଜଜ୍ ଶର୍ମିଷ୍ଠା ଦାସ, ଏସ୍.ଡ଼ି ଜେ.ଏମ ଅଳକାନନ୍ଦା ମହାନ୍ତି, ସିଭିଲ ଜଜ୍ ଅବିନାଶ ଚିନ୍ନାରା, ଜେ.ଏମ୍.ଏଫ୍.ସି. ନୀଳିମା ଷଡ଼ଙ୍ଗୀ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ପ୍ରଜ୍ଞାପରମିତା ମହାନ୍ତି, ରୀତିକା ଜେନା, ପ୍ରୋବେସନ ଅଫିସର ପ୍ରୀତି କୁମାର ସାମଲ ଓ ସୁଶ୍ରୀ କୃଷ୍ଣ ମିଶ୍ର, ଅଧ୍ୟକ୍ଷ ପି.ଏଲ.ଏ. ଆଣ୍ଡ ପି.ୟୁ.ଏସ୍, ଦ୍ୟୁମତ ସେନ ନାୟକ, କୋର୍ଟ ମ୍ୟାନେଜର ମାନସ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ ।ଭରଚୁଆଲ ଯୋଗାଯୋଗରେ ଅନୁଷ୍ଠିତ ଏହି ଉତ୍ସବ କାର୍ଯ୍ୟକ୍ରମରେ ଅନ୍ୟ ବିଚାରପତିମାନେ ମଧ ଯୋଗ ଦେଇଥିଲେ । ବୁଦ୍ଧିଜୀବି, ଗଣମାଧ୍ୟମ ପ୍ରତିନିଧ, ବିଭିନ୍ନ ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀ ଗଣ ଏହି ଉତ୍ସବରେ ଯୋଗ ଦେଇଥିଲେ । ପୂର୍ତ୍ତବିଭାଗ ଦ୍ୱାରା ଏହି ନ୍ୟାୟଳୟ ପରିସରର ନିର୍ମାଣ କାର୍ଯ୍ୟ ୨୦୧୫ ମସିହାର ଶେଷ ଭାଗରୁ ଆରମ୍ଭ ହୋଇ ୨୦୨୧ ମସିହା ମାର୍ଚ୍ଚମାସ ଶେଷ ସୁଦ୍ଧା ସମାପ୍ତ କରାଯାଇଥିଲା । ଭଦ୍ରକର ସଦର ମହକୁମାରେ କାର୍ଯ୍ୟ କରୁଥିବା ଜିଲ୍ଲା ଏବଂ ଅଧସ୍ତନ ସମସ୍ତ କୋର୍ଟ ଆସନ୍ତା ତା ୨୦.୧୨.୨୦୨୧ ରିଖରୁ ନବ ନିର୍ମିତ ଏହି ନ୍ୟାୟାଳୟ ପରିସରରେ କାର୍ଯ୍ୟକରିବ ବୋଲି ସୂଚନା ପ୍ରଦାନ କରାଯାଇଛି ।

## ପାଇଖାନା ସଫା କଲେ ଶକ୍ତିମନ୍ତ୍ରୀ

ଗୁଆଲିୟର, ୧୮।୧୨: ମଧ୍ୟପ୍ରଦେଶର ଶକ୍ତି ମନ୍ତ୍ରୀ ପ୍ରଦ୍ୟୁମ୍ନ ସିଂ ତୋମାର ଗୁଆଲିୟରରେ ଏକ ସରକାରୀ ବିଦ୍ୟାଳୟର ଶୌଚାଳୟ ସଫା କରି ଲୋକଙ୍କୁ ପରିଷ୍କାର ପରିଚ୍ଛନ୍ନତାର ବାର୍ତ୍ତା ଦେଇଛନ୍ତି। ଏହାପୂର୍ବରୁ ଶକ୍ତି ମନ୍ତ୍ରୀ ପ୍ରଦ୍ୟୁମ୍ନ ସିଂ ସର୍ବସାଧାରଣ ଶୌଚାଳୟ ସଫା କରିବା ସହ ରାସ୍ତା ସଫା କରିଥିବା ଉଦାହରଣ ରହିଛି। ସୂଚନାଅନୁସାରେ, ପ୍ରଦ୍ୟୁମ୍ନ ସିଂ ତୋମାର ସରକାରୀ ବାଳିକା ମାଧ୍ୟମିକ ବିଦ୍ୟାଳୟକୁ ଯାଞ୍ଚ କରିବାକୁ ଆସିଥିଲେ।ଏଠାରେ ସେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟର ପାଇଖାନା ଅତ୍ୟନ୍ତ ମଇଳା ବୋଲି ଛାତ୍ରୀମାନେ ମନ୍ତ୍ରୀଙ୍କୁ କହିଥିଲେ। ଏହି କାରଣରୁ ସେମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହା ଶୁଣି



ଶକ୍ତି ମନ୍ତ୍ରୀ ସିଧା ଶୌଚାଳୟକୁ ଯାଇ ନିଜ ହାତରେ ସଫା କରିଥିଲେ।ସେ କହିଛନ୍ତି ଯେ, ଜଣେ ଛାତ୍ରୀ ବିଦ୍ୟାଳୟର ପାଇଖାନାର ଅପରିଷ୍କାର ବିଷୟରେ କହିଥିଲେ। ଯାହା ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ସେ ଆହୁରି ମଧ କହିଛନ୍ତି, ମାସ ଯାକ ଯେମିତି ପାଇଖାନା ସଫା ରହିବ ସେନେଇ ମୁଁ ପ୍ରତିଶ୍ରୁତି ଦେଇଛି। ମୁଁ ପ୍ରତିଦିନ କିଛି ଅନୁଷ୍ଠାନକୁ ଯାଇ ସଫେଇ କାମ କରେ। ପରିଷ୍କାର ପରିଚ୍ଛନ୍ନତାର ବାର୍ତ୍ତା ସମସ୍ତ ଲୋକଙ୍କ ନିକଟରେ ପହଞ୍ଚିବା ହେଉଛି ମୋର ଲକ୍ଷ୍ୟ। ଅନ୍ୟମାନେ ସ୍ୱଚ୍ଛତା ପ୍ରତି ସଚେତନ ହେବା ଉଚିତ ବୋଲି ସେ କହିଛନ୍ତି।

## ୨୧ ତାରିଖ ଯାଏଁ ଶୀତ ଲହରୀ ଆଲର୍ଟ, ଥଣ୍ଡାରେ ଥରୁଛି ଉତ୍ତର ଭାରତରୁ ମଧ୍ୟଭାରତ

ଭୁବନେଶ୍ୱର, ୧୮।୧୨(ପି.ଏନ): ୨୧ ତାରିଖ ଯାଏଁ ଶୀତ ଲହରୀ ଆଲର୍ଟ। ହାଡଭଙ୍ଗା ଶୀତରେ ଜମାଟ ବାନ୍ଧିଛି ଦେଶର ୫ ରାଜ୍ୟ । ପଞ୍ଜାବ, ହରିୟାଣା ଏବଂ ରାଜସ୍ଥାନ ପାଇଁ ପାଣିପାଗ ବିଭାଗର ଅରେଞ୍ଜ ଆଲର୍ଟ । ରାଜସ୍ଥାନ ସିକରର ଫତେପୁରରେ ପାରଦ ଛୁଇଁଛି ମାଇନସ୍ ୩.୩ ଡିଗ୍ରୀ । ଯେଉଁଠି ଗ୍ରୀଷ୍ମରେ ତାପମାତ୍ରା ୫୦ଡିଗ୍ରୀ ଟପିଯାଏ, ସେଠାରେ ଏବେ କାକର ଟୋପା ବରଫ ପାଲଟି ଯାଉଛି । ଚୁରୁ, ମାଉଣ୍ଟଆବୁ, ଜୈସଲମର୍ ଭଳି ରାଜସ୍ଥାନର ୧୨ ଜିଲ୍ଲାରେ ତାପମାତ୍ରା ମାଇନସ୍ ୧ ଡିଗ୍ରୀ ତଳକୁ ଖସି ଯାଇଛି। ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ ଏବଂ ଜମ୍ମୁକାଶ୍ମୀରରେ ପ୍ରବଳ ବରଫପାତ ହେଉଛି । ବରଫର ମୋଟା ଧଳା ଚାଦରରେ ଘୋଡେଇ ହୋଇ ରହିଛି ପାହାଡ ଏବଂ ଗଛ । ସାରା କାଶ୍ମୀର ଘାଟିରେ ପାରଦ ଶୂନ ତଳେ ରହିଛି । କୁପୱାରାରେ ତାପମାତ୍ରା ମାଇନସ୍ ୪.୪ ଡିଗ୍ରୀକୁ ଖସି ଆସିଥିବା ବେଳେ ଦକ୍ଷିଣକାଶ୍ମୀରରେ ପାରଦ ମାଇନସ୍ ୩.୨ଡିଗ୍ରୀ ଛୁଇଁଛି । ଘାଟିରେ ଅନେକ ଜଳାଶୟ ବରଫ ପାଲଟି ଯାଇଛି । ହିମାଚଳପ୍ରଦେଶର ଶିଶୁ ହ୍ରଦ ଉପରେ ବରଫର ଆସ୍ତରଣ ବସି ଯାଇଛି ।ଘାଟିରେ ହିମପାତ ଯୋଗୁ ଉତ୍ତରଭାରତରୁ ମଧଭାରତ ପର୍ଯ୍ୟନ୍ତ ଥରୁଛି । ମଧ୍ୟପ୍ରଦେଶରେ ତାପମାନ ସ୍ୱାଭାବିକଠାରୁ ବେଶ ତଳକୁ ଖସି ଆସିଛି । ରାଜଧାନୀ ଦିଲ୍ଲୀରେ ତାପମାତ୍ରା ୬ଡିଗ୍ରୀ ଛୁଇଁଛି । ରାତିର ସର୍ବନିମ୍ନ ତାପମାତ୍ରା ୫ଡିଗ୍ରୀ ତଳକୁ ଖସିପାରେ। ଆସନ୍ତା ୩ଦିନ ଦିଲ୍ଲୀ ପାଇଁ ଭାରତୀୟ ପାଣିପାଗ ବିଭାଗ ଜାରି କରିଛି ୟେଲୋ ଆଲର୍ଟ । ପ୍ରବଳ ଶୀତ ସହ ଘନ କୁହୁଡି ଯୋଗୁ ଜନଜୀବନ



ଅସ୍ତବ୍ୟସ୍ତ ହୋଇ ପଡିଛି ।ଦିଲ୍ଲୀରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୪ଶହକୁ ଖସି ଆସିଛି ଯାହା ପ୍ରଦୂଷଣର ଗମ୍ଭୀରତାକୁ ସୂଚାଉଛି ।ଓଡିଶାର ଶୀତଲହରୀର ପ୍ରଭାବ ପଡିଛି । ୧୨ ସ୍ଥାନରେ ୧୨ ଡିଗ୍ରୀ ତଳେ ରହିଛି ପାରଦ । ରାଜ୍ୟର ସବୁଠୁ ଥଣ୍ଡା ସ୍ଥାନ ପାଲଟିଛି ଫୁଲବାଣୀ । ଫୁଲବାଣୀରେ ରାତ୍ରି ତାପମାତ୍ରା ସର୍ବନିମ୍ନ ୭.୦ ଡିଗ୍ରୀ ରହିଛି । ଓଡିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ଏବେ ଥଣ୍ଡାର ରାଜ୍ । ସଂଧ୍ୟା ହେଲେ ମାଡିଆସୁଛି ଶୀତ ଲହରୀ । କୋରାପୁଟର ଲମତାପୁଟରେ ହାଡଭଙ୍ଗା ଶୀତ । ପାରଦ ଖସିଛି ୮ ଡିଗ୍ରୀ ତଳେ ରହୁଛି । ଦିନ ୧୦ଟାଯାଏଁ ଘନ କୁହୁଡି ଦେଖିବାକୁ ମିଳୁଛି । ସନ୍ଧ୍ୟା ୮ ଟା ପରେ ଶୂନଶାନ ହୋଇଯାଉଛି ଲମତାପୁଟ। ଗତ ୨୪ ଘଣ୍ଟାରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ରାତ୍ରି ତାପମାତ୍ରା ୨.୭ ଡିଗ୍ରୀ ପର୍ଯ୍ୟନ୍ତ ଖସିଛି । ଦାରିଙ୍ଗବାଡି, କୋରାପୁଟ, ସୁନ୍ଦରଗଡ, ଟିଟିଲାଗଡରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଛି । ଉତ୍ତର ତଥା ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ବାୟୁ ବୋହୁଥିବାରୁ ଆଗାମୀ ୪ ଦିନ ଯାଏଁ ତାପମାତ୍ରା ୨ ରୁ ୪ ଡ଼ିଗ୍ରୀ ଯାଏଁ ଖସିବା ସମ୍ଭାବନା ରହିଛି । ପାଣିପାଗର ବିଭାଗର ଆକଳନ, ଆସନ୍ତା ୫ଦିନ ପର୍ଯ୍ୟନ୍ତ ଅସ୍ତବ୍ୟସ୍ତ କରିବ ପ୍ରବଳ ଶୀତ ଲହରୀ ।

## ରେଳ ଷ୍ଟେସନରେ ପ୍ରେମିକାକୁ ଛାଡି ଚମ୍ପଟ ମାରିଲା ପ୍ରେମିକ

ରେଢାଖୋଲ (ରମାକାନ୍ତ ମହାନନ୍ଦ): ଜୀବନସାଥୀ କରିବାର ସ୍ୱପ୍ନ ଦେଖାଇ ନେଇଯାଇଥିଲା। ଉପଭୋଗ କରିବା ପରେ ଅଧା ରାସ୍ତାରେ ଧୋକା ଦେଇ ରେଳ ଷ୍ଟେସନ୍ ?ରେ ଛାଡି ପଳାଇ ଯାଇଥିଲା। ପ୍ରେମିକ ପାଖରୁ ଧୋକା ପାଇବା ପରେ ପୀଡିତା ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଧୋକାବାଜ୍ ? ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏପରି ଘଟଣା ସମ୍ବଲପୁର ଜିଲ୍ଲା ଚାଳମାଲ ଥାନା ଅଞ୍ଚଳରେ ଘଟିଛି ।ଚାରମାଲ ଥାନା ଥାନା ଅଞ୍ଚଳର ୨୧ ବର୍ଷିୟ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଭଲ ପାଉଥିଲା ସୁଶାନ୍ତ ଧଳ। ଯୁବତୀ ଜଣକ ମଧ ତାଙ୍କୁ ଭଲ ପାଇଥିଲେ। ଯେଉଁଥିପାଇଁ ଯୁବତୀ ଜଣକ ନିଜକୁ ସୁଶାନ୍ତଙ୍କ ଆଗରେ ସମର୍ପି ଦେଇଥିଲେ। ଏହାର ସୁଯୋଗ ନେଇ ସୁଶାନ୍ତି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ପରେ ଉଭୟ ଘରୁ ପଳାଇ ଯାଇଥିଲେ। ପରିବାର ଲୋକ ଝିଅକୁ ନପାଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ।ସେପଟେ ଉଭୟ ମାସେରୁ ଅଧିକ ସମୟରେ ଏଠିସେଠି ବୁଲିଥିଲେ। ପୀଡିତାଙ୍କ କହିବା ଅନୁସାରେ ଉଭୟ କଟକ, ଭୁବନେଶ୍ୱର, ପୁରୀ ଓ ବେଙ୍ଗାଲୁରୁ ଯାଇଥିଲେ। ସେଠାରେ କିଛି ଦିନ ରହିବା ପରେ ଉଭୟ ଗାଁକୁ ଫେରୁଥିଲେ। ଗାଁ ଫେରିବା ରାସ୍ତାର ଯୁଯୁମୁରା ରେଳ ଷ୍ଟେସନଠାରେ ଯୁବତୀଙ୍କୁ ଛାଡି କେଉଁ ଆଡେ ସୁଶାନ୍ତ ଫେରାର ହୋଇଯାଇଥିଲା। ଅନ୍ୟ ଉପାୟ ନପାଇ ଚାରମାଳ ଥାନାରେ ଅଭିଯୋଗ କରିଥିଲେ ଯୁବତୀ। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ? ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ପରିବାର ଲୋକ ଯୁବତୀଙ୍କୁ ଗ୍ରହଣ କରୁନଥିବାରୁ ସ୍ୱାଧାର ଗୃହକୁ ପଠାଇ ଦିଆଯାଇଛି ବୋଲି ଏସଡିପିଓ କହିଛନ୍ତି।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

# ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକି ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଳୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଚ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଳୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଳୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଳୋରିନ୍ କିମ୍ବା କ୍ଳୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଳୋରିନ୍ କିମ୍ବା କ୍ଳୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ସାହିତ୍ୟ ଦର୍ପଣ



ବ୍ୟଙ୍ଗ ଗଳ୍ପ

## ଯୁବାନ୍ ସମ୍ଭାଳ୍ କେ !

ଗତ କିଛିଦିନ ଧରି ବଦ୍ରିବାବୁଙ୍କୁ ଧରିଛି ଘୁମାରୋଗ ! ମନରେ ତାଙ୍କର ଉତ୍ସାହ ନାହିଁ କି ସରସତା ନାହିଁ । ଖାଇବା ଜାଗାରେ ହେଉ କି ବସିବା ଜାଗାରେ, ଘୁମେଇଘୁମେଇ ସେ ଅଜାଡ଼ି ହୋଇପଡୁଛନ୍ତି ତଳେ ।
ବଦ୍ରିବାବୁଙ୍କର ଏମନ୍ତ ଘୁମାରୋଗ, ପତ୍ନୀ ଲବଙ୍ଗଲତାଙ୍କୁ ମହାଚିନ୍ତାରେ ପକେଇଲା । ତାଙ୍କ ମନରେ ଆଶଙ୍କା ଦାନାବାନ୍ଧିଲା, 'ଇଲୋ ମା, ଯା'ଙ୍କର ଏ ଘୁମାରୋଗ ସାଂସାରିକ ମୋହ, ବନ୍ଧନକୁ ତୁଟେଇ ବିଷମ ବୈରାଗ୍ୟର ସୂତ୍ରପାତ ନୁହେଁ ତ ଆଉ ! କି ଅଜବ କଥା ଲୋକଟି କେତେ ଗପୁଥିଲେ, ଅନ୍ୟମାନଙ୍କୁ ହସଉଥିଲେ, ମଜଉଥିଲେ କେତେ ! ଅଥଚ୍ ଏବେ ବ୍ୟାଟେରୀ ଫୁଲ୍ ଡାଉନ୍ '
ଖଟରେ ଘୁମେଇପଡ଼ିଥିବା ବିଷାଦିତ ବଦ୍ରିବାବୁଙ୍କୁ ଆସ୍ତେକିନା ହଲେଇ ଦେଇ ଲବଙ୍ଗଲତା ସରାଗରେ କହିଲେ, 'କି'ଗୋ ତୁମର ହେଉଛି କଣ ? ପାଖରେ ସବୁ ଥାଇକିରି ହତାଶିଆ ହତାଶିଆ ଲାଗୁଛ ଯେ ? ଯାହା ବି ଲେଖାଲେଖି କରୁଥିଲ, ସେସବୁ ବି ବନ୍ଦ କରିସାରିଲଣି ଯା'ଭିତରେ ? ଆରେ ଆମ ସହିତ ଯାହା ବି ପେଖନା କରୁଛ କର, ଆମକୁ ଯାହା ବି ଚକମା ଦେଖାଉଛ ଦେଖାଅ, ଆମେ ସେସବୁକୁ ସହିଯିବୁ, ହେଲେ ତୁମର ଏମନ୍ତ ମାନ୍ଦାବସ୍ଥା ଦେଖି ତୁମର ବନ୍ଧୁମାନେ କଣ ଭାବିବେ, କହିଲ ଭାବିବେ; ଆରେ



ରାଧାଶ୍ୟାମ ରାଉଳ

ହେ, ଭଲମଣିଷଟି ଆଜିକାଲି ଏମିତି ଘାଲେଇ ପଡୁଛି କଣ ପାଇଁ ଯେ'
ଆଳସ୍ୟ ହେତୁ ହାଇମାରି ବଦ୍ରିବାବୁ କହିଲେ, 'ଲବଙ୍ଗ ଆଉ ହେବନାହିଁ । ମାରିନେଉଛନ୍ତି ମହାପାତ୍ରେ, ଆଉ ଆମ୍ଭ ବିଚ୍ରା ଜଳକା ହୋଇ ଶୂନ୍ୟକୁ ଅନେଇ ରହିଛୁ !' ସାମାନ୍ୟ ବିରକ୍ତିଭାବ ଦେଖେଇ ଲବଙ୍ଗ କହିଲେ, 'ହେତ୍ ତେରି, କଣ ଏମିତି ମୋତେ ବୁଲେଇବାଙ୍କଇ କହୁଚ୍ଛ କହିଲ ଯାହା କହିବାକଥା ସିଧାସିଧା କହୁନ ।' ମ୍ଳାନହସି ବଦ୍ରିବାବୁ କହିଲେ, 'ବୁଝିବ ଅବା କେମିତି ଘରବୁଡ଼ିଁ ଆଣ୍ଠୁଏ ପାଣି ହେଲେ କଣା କହୁଛି କଣ'ନା; ମେଘ ଦୁଲୁକୁଛି ହୋ !' ବୁଝିଲ ପ୍ରିୟେ, ଏବେ ଆମ ସାହିତ୍ୟକ୍ଷେତ୍ରରେ,ସମ୍ମାନ, ସମ୍ବର୍ଦ୍ଧନା, ମାନପତ୍ର ଆଦି ଫୁଲ୍ ଲବିଟବିରେ ଅଯୋଗ୍ୟମାନଙ୍କୁ ଦିଆ ହେଉଛି । ସାହିତ୍ୟର ଜମାରୁ ଧାର ଧାରୁନଥିବା କିମ୍ବା ଏ କ୍ଷେତ୍ରରେ ଉତ୍କର୍ଷତା ଲାଭ କରିନଥିବା ଲୋକମାନଙ୍କୁ କ୍ଷମତା, ପଦମର୍ଯ୍ୟାଦା, ପ୍ରତିପତ୍ତିର ପ୍ରଭାବରେ ସମ୍ମାନ, ସମ୍ବର୍ଦ୍ଧନା ଦେବା କେତେଦୂର ସମୀଚ୍ଚୀନ ? ବୁଝିଲ ଲବଙ୍ଗ, ଅନେକ କ୍ଷେତ୍ରରେ, ପ୍ରଚ୍ଳିତ ତ୍ରୁଟିପୂର୍ଣ୍ଣ ବିଧି ବ୍ୟବସ୍ଥା ବିରୋଧରେ ଅନେକ କିଛି କହିବାକୁ ଥିଲେ ବି କହିହେଉନାହିଁ କି ସହି ହେଉନାହିଁ । କଣ କରିବା
ବଜ୍ରଦୃଷ୍ଟି ନିକ୍ଷେପି ଲବଙ୍ଗ କହିଲେ, 'ହେଃ କହିବ କାହାକୁ, ଶୁଣିବ କିଏ ତେଣୁ କହି କିଛି ଲାଭ ନାହିଁ ।ବରଂ କହିଲେ ମହାବିପଦ । ପସ୍ତେଇବା ସାର । କ୍ଷମତାଧାରୀମାନଙ୍କର ରୋଷର୍ ଶିକାର ହେବାଟି ମଧ୍ୟ ଥୟ । ହେଇଟି, ତୁମେ ପରା ନିଜେ ଭୁକ୍ତଭୋଗୀ ! ତୁମ ଅଫିସରେ ଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର, ଭାଣ୍ଡତାମସା ବିରୋଧରେ ସ୍ୱରୋତ୍ତୋଳନ କରିବାରୁ ବିନାକାରଣରେ ତୁମକୁ ଦୂର ଜାଗାକୁ ବଦଳି କରିଦିଆଯାଇଛି ନା ନାଇଁ ତେଣୁ ନିଜର ସ୍ଥିତିକୁ ସୁଦୃଢ ଓ ସହିସଲାମତ୍ ରଖିବାପାଇଁ ନୀତି, ଆଦର୍ଶ ମୂଲ୍ୟବୋଧ କୁ ଜାବୋଡ଼ି ଧରି ସବୁବେଳେ ରୋକଠୋକ୍ ସ୍ୱଭାବର ହେଲେ ଚ଼ଳିବ ନାହିଁ । ଅବସ୍ଥାକୁ ଦେଖି ବ୍ୟବସ୍ଥା କରିବାକୁ ପଡ଼ିବ ନା'ଓ । କ'ଣ ବୁଝିଲ' ତଥାକଥିତ ଭେଳିକିରେ ସହଜରେ ଭଳି ଯାଉଥିବା ଲବଙ୍ଗଲତାଙ୍କ କଥା ଉପରେ କୌଣସି ମନ୍ତବ୍ୟ ଦେବାକୁ ଉଚ଼ିତ ମନେ କଲେନାହିଁ ବଦ୍ରିବାବୁ । ବରଂ ଲବଙ୍ଗଙ୍କର ମନତୁଷ୍ଟି ପାଇଁ ସେ କହିଲେ, 'ଆରେ ବାଃ, ସଂକ୍ଷିପ୍ତ ହେଲେ ବି ଅତି ସୁନ୍ଦର ଭାବରେ ବର୍ତ୍ତମାନର ରୀତିନୀତି ଯାନି ଯୁଗଧର୍ମ ଉପରେ ତୁମେ ତୁମର ମତକୁ ମୋ ପାଖରେ ସ୍ପଷ୍ଟ, ପ୍ରାଞ୍ଜଳ କରାଇପାରିଥିବାରୁ ତୁମକୁ ବହୁତ୍ ବହୁତ୍ ଧନ୍ୟବାଦ, ପ୍ରିୟେ !'
ଅତୀବ ଉତଫୁଲ୍ଲିତା ହୋଇ ଲବଙ୍ଗ କହିଲେ, ' ବୁଝିଲ ପ୍ରିୟତମ ପତିଦେବ, ଏ ଘୋର କଳିକାଳ ! ବୋଇଲା, ଏ'ତ କଳିକାଳ ରୀତି ବିପରୀତ ବନ୍ଧୁରେ ! ଏବେ ଯୋଗ୍ୟ ପ୍ରତିଭାଧରମାନେ ସାଧାରଣ, ନଗଣ୍ୟ ବିବେଚ଼ିତ ହେଉଥିବାବେଳେ ଅଯୋଗ୍ୟ, ଅନାମଧିୟେୟମାନେ ଅସାଧାରଣ, ମାନ୍ୟଗଣ୍ୟ ବିବେଚ଼ିତ ହେଉଛନ୍ତି ।'
ସ୍ୱଭାବସୁଲଭ ଢଙ୍ଗରେ ବଦ୍ରିବାବୁ କହିଲେ, 'ତୁମେ ଠିକ୍ କହିଛ ପ୍ରିୟେ ! 'ଦେଖି ଖବର ରଖ୍ ନଜର' ନ୍ୟାୟରେ ଆମେ ନିରବଦ୍ରଷ୍ଟା ସାଜି ସବୁ ନାଟକବାଜି ଦେଖୁଥିବା, ଜାଣୁଥିବା, କିନ୍ତୁ କିଛି କହି ପାରିବୁନାହିଁ କି କରିପାରିବୁ ନାହିଁ । ଆଉରି ମଧ୍ୟ ଏବେ ଆମ ସମସ୍ତଙ୍କଉପରେ ରୋକ୍ ଲାଗିଛି, ଚେତାବନୀ ମଧ୍ୟ ରହିଛି, 'ଯୁବାନ୍ ସମ୍ଭାଲ୍ କେ !'
ଦୀର୍ଘଶ୍ୱାସ ନେଇ ଲବଙ୍ଗ କହିଲେ, ହଁ ସେଇୟା ନୁହେଁ ତ ଆଉ କଣ ?'

ଡ୍ୟୁପ୍ଲେକ୍ସ: ୧୦(ବି), ବୀମାବିହାର
ମର୍କତନଗର, ସେକ୍ଟର-୬
କଟକ - ୭୫୩୦୧୪
ମୋ - ୯୪୩୭୦୯୦୯୮୫

## ଅଣୁଗଳ୍ପ

୧ - ଜୀବନ
ଜୀବନ ସବୁରି ପ୍ରିୟ। ମୃତ୍ୟୁ କଥା ଭାବିଲେ ଡ଼ର ମାଡେ। ଶିତୁଆ ସକାଳୁ ପରିବା କାଟୁଥିଲା ରୁନି ।ବାଇଗଣ ଟିକୁ ଦୁଇ ଫାଳ କଲାବେଳେ ତା'ଭିତରେ ଥିବା ପୋକଟି ଆହୁରି ଭିତରକୁ ପଶିଗଲା। ପୋକଟିକୁ ବାହାର କରି ଚାହିଁଲା ସେ ଘରକୋଣରେ ଶୋଇଥିବା ତାର କର୍କଟ ଆକ୍ରାନ୍ତ ସ୍ୱାମୀଙ୍କୁ ।
କଂସେଇଖାନାରେ କାମ କରୁଥିବା ସେମାନଙ୍କର ଚଉଦବର୍ଷ ର ପୁଅ ବାପି ଶେଯରୁ ଉଠି କହୁଥିଲା :- ମା',ମୁଁ ଆଜି କାମକୁ ଯିବିନି ।
:- କାମକୁ ନଗଲେ ଆମେ ଚଳିବା କେମିତି ? ବାପାର ଔଷଧ ଆଣିବା କେଉଁଠୁ !!
:-ନା,ମା' ମୁଁ ନିତି ଆଉ ସେ ରକତ ଗୁଡାକ ଦେଖି ପାରିବିନି ।

୨ - ଦାଦନ
ଛଅ ମାସ ହେବ ବେପାର ବନ୍ଦ ।ମୁଣ୍ଡରେ ହାତ ଦେଇ ବସିଛନ୍ତି ପଥର ଶିଳ୍ପୀ କାଶୀନାଥ ।କେବଳ ସେ ନୁହେଁ ଏଇ ଗାଁର ସମସ୍ତ ପଥର ଶିଳ୍ପୀଙ୍କ ଏକା ଅବସ୍ଥା। କଂଚ଼ାମାଲର ଘୋର ଅଭାବ। ସୁବିଧାରେ ଆଉ ପଥର ମିଳୁନି। ପରିବାର ଚ଼ଳେଇ ହେଉନି। ଦୁଇ ଓଳି ଚୁଲି ଲଗାଇବା କଷ୍ଟ। ପୁଅ କାହ୍ନା ଷଷ୍ଠ ଶ୍ରେଣୀ ରେ ପଢୁଛି। ପିଲାଟି ଦିନରୁ ବାପାଙ୍କ ହାତର ପଥର କାମ ଦେଖି ଆଗ୍ରହରେ ପଥର ଖୋଦେଇ ଶିଖୁଛି ।ସେଇ କୁନିକୁନି ହାତ ଦୁଇଟି ତାର ପଥରକୁ ଜୀବନ ଦେଇ ନିହାଣମୂନରେ ଗଢିଛି କେତେ ଠାକୁର, ପଶୁ ପକ୍ଷୀ ଙ୍କ ମୂର୍ତ୍ତି। ସେ ସବୁର ବିକ୍ରି ଲକ୍ଷ ଟଙ୍କା ରେ ନିଜର ପାଠପଢା ଖର୍ଚ୍ଚ ଉଠାଏ କାହ୍ନା। ଜୀବନର ଏ ଆର୍ଥିକ ଅନାଟନ ଯୋଗୁଁ କାଶୀନାଥଙ୍କ ଛାତି ଦୋହଲି ଯାଉଛି। ତାଙ୍କର ବିକଳ ଅବସ୍ଥା ଦେଖି ମୋହନ ଠିକାଦାର ଆଜି ଘରେ ତାଙ୍କୁ ଅଗ୍ରୀମ ପାଂଚ଼ ହଜାର ଟଙ୍କା



ରାଜଲକ୍ଷ୍ମୀ ତ୍ରିପାଠୀ

ଦେଇ ଯାଇଛି। ପୁଅ କାହ୍ନା ସହିତ ତାକୁ ଯିବାକୁ ପଡିବ ପଡୋଶୀ ରାଜ୍ୟ କୁ। ଦୁହେଁ ଇଟାଭାଟିରେ କାମ କରିବେ ଏଣିକି।
ସକାଳୁ ଶୋଇବା ଘର ଥାକ ଉପରୁ ଅଖା ବ୍ୟାଗଟି କାଢ଼ି କାଶୀନାଥ ଲୁଗା ପଟା ସଜାଡି ନେଲେ। କାହ୍ନା ର ସ୍କୁଲ ବ୍ୟାଗରେ ଥିବା ବହିଖାତାକୁ ତଳେ ଥୋଇ ତା'ପ୍ୟାଣ୍ଟ ସାର୍ଟ ଦୁଇ ଖଣ୍ଡ ସେଥିରେ ରଖି ତାକୁ କହିଲେ -' ମୁଁ ବସ୍ ପାଖକୁ ଯାଉଛି, ତୁ ତୋ ବ୍ୟାଗ ଧରି ପଛରେ ଆ'।
କାହ୍ନା ବ୍ୟାଗ ଧରି ମା'ପାଖକୁ ଦଉଡି ଗଲା। ମା'ଆଖିରୁ ଲୁହ ଝରି ଯାଉଛି। ଠାକୁରଙ୍କ ଫଟୋ ପାଖେ ମୁଣ୍ଡ ରଖି କହୁଛି: 'ତା କଅଁଳ ହାତରେ ତୋର କେତେ ମୂର୍ତ୍ତି ସେ ଗଢିଛି। କେଉଁ ? ବଡ଼ ଲୋକ ଙ୍କ ଘରେ ଶୋଭା ପାଉଛି ସେ ସବୁ । ଏଇ ଭଙ୍ଗା ଦଦରା ଘରେ ମୋ ଧନକୁ ମୋ ପାଖରେ ଟିକେ ରଖାଇ ପାରିଲନି,ଶେଷକୁ ତାକୁ ଦାଦନ କଲ !!
କାହ୍ନା କିଛି ବୁଝିପାରିଲାନି। ମା'କୁ ଜାବୁଡ଼ି ଧରି କହିଲା- 'ତୁ କାନ୍ଦୁଛୁ କାହିଁକି ? ଦାଦନ କଣ ଯେ, ମୁଁ ତ ଛୋଟ ପିଲାଟେ,ତୋ କାହ୍ନା....।
ବାହାରୁ କାଶୀନାଥଙ୍କ ପାଟି ଶୁଭୁଥିଲା- : କାହ୍ନା, ଶିଘ୍ର ଆ,ବସ୍ ଆସିଗଲା ।

## ସ୍ୱାଭିମାନ

ମାଇକ୍ ଆଗରେ ଠିଆ ହୋଇ ଦି' ପଦ କଥା ହେବାକୁ ସୁଶୋଭନର ଭାରି ଡର। ଯେମିତି ତା'ର ମୁଣ୍ଡରୁ ପାଦ ଯାଏ କ'ଣ ଗୋଟାଏ ଦଉଡି ଯାଏ - ଖୁସିରେ ନୁହେଁ ଭୟରେ ।ପିଲା ଦିନରୁ ତା'ର ଏ ଭୟ। ତର୍କ ପ୍ରତିଯୋଗିତା ହେଉ ଅବା ସ୍ୱାଧୀନତା ଦିବସରେ ହେଉ ,ମଞ୍ଚ ଉପରେ କିଛି କହିବାକୁ ଡର ମାଡେ। ହେଲେ ପଛ ଘୁଞ୍ଚା ଦେବାକୁ ଆହୁରି ଡର ମାଡ଼ ? । ସ୍ୱାଭିମାନ ଜାଗି ଉଠେ। କୌଣସି ମତେ ପ୍ରସ୍ତୁତ ହୋଇ ସବୁଥିରେ ଭାଗ ନିଏ। ପୁରସ୍କାର ପାଇବା କଥା କିନ୍ତୁ କେବେ ଚ଼ିନ୍ତା ଚୈତନ୍ୟରେ ହିଁ ନଥାଏ।
ଜୀବିକା ଅର୍ଜନ ପାଇଁ ସୁଶୋଭନ କିନ୍ତୁ କଥା ବିକେ । ସେ ଶିକ୍ଷକତା କରେ। ସେ କବିତା ଲେଖେ, ବେଳେ ବେଳେ ଗଳ୍ପ ବି ଲେଖେ । ତା'ର ଲେଖାସବୁ ପତ୍ର ପତ୍ରିକାରେ ପ୍ରକାଶିତ ମଧ୍ୟ ହୁଏ। ସେଥିପାଇଁ ଦଶମ ଶ୍ରେଣୀ ବ୍ୟାଚ଼ର ବନ୍ଧୁମିଳନ ଉତ୍ସବରେ ସମସ୍ତେ ତାକୁ ହିଁ ବାଧ୍ୟ କଲେ 'ସ୍ମରଣିକା' ପ୍ରକାଶନର ଦାୟିତ୍ୱ ନେବାକୁ ।ଦଶମ ଶ୍ରେଣୀ ପାଶ୍ କରିବାର ଦୀର୍ଘ ପଚ଼ିଶ ବର୍ଷ ଅତିବାହିତ ହୋଇ ସାରିଥିଲା ଇତି ମଧ୍ୟରେ। ତା'ପରେ ଏ ଉତ୍ସବର ଆୟୋଜନ। ବନ୍ଧୁ ମାନଙ୍କ ସହିତ ମିଳିବାର ଦୁର୍ବାର ଆକର୍ଷଣ ତାକୁ ପୁଲକିତ କଲା। ପିଲାଦିନେ ଘଟିଥିବା କେତେ କେତେ ଘଟଣା ଆପେ ଆପେ ତା' ମନରେ



ରତ୍ନକାନ୍ତି ମିଶ୍ର

ଉଜ୍ଜୀବିତ ହୋଇ ଉଠିଲା। ସାଙ୍ଗମାନଙ୍କ ଠାରୁ ଲେଖା ଯୋଗାଡ କରିବା,ପ୍ରୁଫ୍ ସଂଶୋଧନ କରିବା ଠାରୁ ଆରମ୍ଭ କରି ମୁଦ୍ରଣ ଦାୟିତ୍ୱ ପର୍ଯ୍ୟନ୍ତ ସବୁ କାମ କରିଗଲା ଏକନିଷ୍ଠ ହୋଇ। ଶେଷରେ କପି ଗୁଡିକୁ ନେଇ ଯଥା ସ୍ଥାନରେ ପହଞ୍ଚାଇବାର ଦାୟିତ୍ୱ ନେଲା ନିଜ ତରଫରୁ। ଅନ୍ୟ ସାଙ୍ଗମାନେ ମଧ୍ୟ ନିଜ ନିଜ ଦାୟିତ୍ୱ ମାନ ତୁଲାଇନେଲେ ତତ୍ପରତାର ସହିତ ।
ବନ୍ଧୁ ମିଳନ ଦିନ ଆସିଗଲା। ସେଦିନ ଆହୁରି ଏକ ଦାୟିତ୍ୱ ସୁଶୋଭନକୁ ଦିଆଗଲା। କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିବାର ପ୍ରଥାକୁ ସେ ହିଁ ସୁଚ଼ାରୁ ରୂପେ ତୁଲାଇ ପାରିବ ବୋଲି ବନ୍ଧୁ ମାନେ ମତଦେଲେ । ସରିଗଲା କଥା...! ମାଇକ ସାମ୍ନାରେ ଠିଆ ହେବାକୁ ପଡିବ ବୋଲି ଜାଣି ତାକୁ ଝଟକା ଲାଗିଲା। ଯେଉଁ ଜିନିଷଟାକୁ ସେ ଏଡାଇବାକୁ ଚେଷ୍ଟା କରେ ପାରୁ ପର୍ଯ୍ୟନ୍ତ। ଅଥଚ୍ ଦେଖ- ଚୋର ଘର ଯେଉଁଠି, ରାତି ପାହିଲା ସେଇଠି । ହେଲେ ସେ ନିଜକୁ ପ୍ରସ୍ତୁତ କରିନେଲା କିଛି ସମୟ ମଧ୍ୟରେ, ସେଇ ସ୍ୱାଭିମାନକୁ ବଞ୍ଚାଇବାକୁ ଚେଷ୍ଟା କରି। ସଭା ଆରମ୍ଭ ହେଲା ନିର୍ଦ୍ଧିଷ୍ଟ ସମୟ ଠାରୁ କିଛି ସମୟ ବିଳମ୍ବରେ । କାର୍ଯ୍ୟକ୍ରମର ମଧ୍ୟ ଭାଗରେ ମଧ୍ୟାହ୍ନ ଭୋଜନ ବିରତି ପରେ ସ୍ମରଣିକା ଉନ୍ମୋଚ଼ନ ହେବାର ଥିଲା। କହିବା ବାହୁଲ୍ୟ ସୁଶୋଭନକୁ ଷ୍ଟେଜ ଉପରକୁ ଡାକିବାକୁ ଉଚ଼ିତ୍ ମନେ କରି ନଥିଲେ ବନ୍ଧୁମାନେ। ସମୟର ସ୍ୱଳ୍ପତା ଦୃଷ୍ଟିରୁ କେବଳ ସ୍ମରଣିକା ଖଣ୍ଡେ ଖଣ୍ଡେ ସଂଗ୍ରହ କରି ନେବାକୁ ଘୋଷଣା କରାଗଲା । ହେଲେ ନିଜ ନିଜର ଉନ୍ନତି,ପରାକାଷ୍ଠା ଆଦି ନିଖୁଣ ଭାବରେ ବ୍ୟାଖ୍ୟା କରିବାରେ ସମୟର ସଦୁପଯୋଗ କଲେ କିଛି ବନ୍ଧୁ।
ସେଇ ସମୟର ଦ୍ୱାହି ଦେଇ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମକୁ ମଧ୍ୟ ବାତିଲ କରି ଦିଆଗଲା। ହେଲେ ଏ ଉତ୍ସବର ସଫଳତା ପାଇଁ ଯେଉଁ ବନ୍ଧୁମାନେ ବଡରକମର ଆର୍ଥିକ ସହଯୋଗ କରିଥିଲେ, ସେମାନଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିବା ସହିତ ଅଶେଷ ଧନ୍ୟବାଦ ଜ୍ଞାପନ କରିଥିଲେ ମଞ୍ଚ ପରିଚ଼ାଳନା କରୁଥିବା ଦୁଇ ବନ୍ଧୁ ସଚ଼ିତ୍ର ସାହୁ ଏବଂ ଅଲେଖ ଭୂୟାଁ। ସଭା ଶେଷ ହେବାର ଘୋଷଣା କରାଗଲା କିଛି ନାଚ଼ଗୀତର ଆସର ପରେ।
ସୁଶୋଭନ ଏଥର ଫେରିବାକୁ ତତ୍ପର ହେଲା। ସେତିକିବେଳକୁ ଅନ୍ତରଙ୍ଗ ବନ୍ଧୁ ବିପିନ୍ ଆସିଲା ସୃଜନୀ ଦାସ ସହିତ । ଏକଦା ବିପିନ୍ ମନେ ମନେ ସୃଜନୀକୁ ଯେ ଭଲ ପାଉଥିଲା ସୁଶୋଭନ ହିଁ କେବଳ ଜାଣିଥିଲା ସେତେବେଳେ। ଏ ପରିଣତ ବୟସରେ, ସମସ୍ତଙ୍କ ଆଢୁଆଳରେ ଆଜି ହୁଏତ ସେମାନେ ଏ ବିଷୟରେ ଆଲୋଚ଼ନା କରିଥିବେ ଏବଂ ଉଲ୍ଲସିତ ହୋଇଥିବେ ସେ ଦିନର କଥା ଭାବି। ଦୁହେଁ ବାଧ୍ୟ କରି ସୁଶୋଭନ ସହିତ ସେଲଫି ନେଲେ। ଭରତ, ସୁକଣ୍ଠ ଆଦି କିଛି ବନ୍ଧୁ ବି ଆସିଗଲେ ଗ୍ରୁପ୍ ଫଟୋ ଉଠାଇବାକୁ। କିଛି ଖୁସି ଆଳାପ ଭିତରେ ସୁଶୋଭନ ଭୁଲି ଗଲା ଆଜି ଦିନର ଘଟଣା ପ୍ରବାହକୁ,ନିଜ ସ୍ୱାଭିମାନକୁ, ବନ୍ଧୁମାନଙ୍କ ମେଳରେ।
ସୁଶୋଭନ ଘରେ ବସି ସ୍ମରଣିକା ପତ୍ରିକାଟିକୁ ଖୋଲି ଦେଖିଲା ଆଉଥରେ। ସମ୍ପାଦକୀୟ ପୃଷ୍ଠାରେ ସ୍ଥାନିତ ତା'ର ଲେଖା 'କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର' ର ଗଭୀରତାକୁ ନିଜେ ଉପଲବ୍ଧି କରିବାକୁ ଲାଗିଲା। ଆଃ..! ସବୁ ସ୍ୱାଭିମାନ ହଜି ଯାଉଥିଲା ସେଇ ପିଲାଦିନର ସ୍ୱଚ୍ଛ ସୁନ୍ଦର ସ୍ମୃତି ଚାରଣରେ...!!!

ଆଳି, କେନ୍ଦ୍ରାପଡା

## ମୁଁ ଅଛି

ଡଃ ଶଶୀ ଭୂଷଣ ମହାପାତ୍ର



ମୁଁ ଅଛି
ତୋ ଚ଼ାରି ପାଖେ
ତୋ ନିଶ୍ୱାସ ପ୍ରଶ୍ୱାସରେ
ଓଠର ହସରେ
ଆଖିର ଲୁହରେ
ତୋ ପ୍ରେମରେ, ତୋ ଜ୍ଞାନରେ
ତୋ ଭକ୍ତିରେ ତୋ ପ୍ରାର୍ଥନାରେ,
ମୁଁ ବି ରହିଛି
ଅନ୍ନରେ,ପାଣିରେ,ପବନରେ ଵ

ତୋ ପାଇଁ ତ ମୁଁ
ଅକ୍ଷର ବ୍ରହ୍ମ, ନାମ ବ୍ରହ୍ମ
ଚ଼ାରିଆଡ଼ ପରିବ୍ୟାପ୍ତ ସକାଳ ଘଟରେ,
ମୁଁ ଆକାଶର ନୀଳ ରଙ୍ଗ
ତାରା,ସୂର୍ଯ୍ୟ,ଚ଼ନ୍ଦ୍ର
ପ୍ରେମ ମୁଁ, ଶକ୍ତି ମୁଁ
ଧର୍ମ ମୁଁ, କର୍ମ ମୁଁ
ଧୈର୍ଯ୍ୟ ମୁଁ, ବିଶ୍ୱାସ ମୁଁ
ଜ୍ଞାତ ପରିଜନ, ପିତାମାତା ମୁଁ
ମୁଁ ଜୀବନ, ମୁଁ ମୃତ୍ୟୁ
ମୁଁ ଦୃଶ୍ୟ, ମୁଁ ଅଦୃଶ୍ୟ
ମୁଁ ଅନନ୍ତ, ମୁଁ ଚ଼ିରନ୍ତନ ଵ

ତୁ ଅହଂକାର ଛାଡ଼ି ଦେ
ତୋତେ ମୁଁ ଚ଼ିହ୍ନାଇଦେବି
ତୁ କିଏ, ମୁଁ କିଏ
ମୋହ ମାୟା ଭୁଲିଯା
ଭୁଲିଯା, ତୁ ଗୋଟେ ଦେହର ମାଲିକ
କାହା ହୃଦୟ ସମ୍ରାଟ,
ଶୂନ୍ୟ କରିଦେ ତୋତେ
କୁଣ୍ଡାଇଧର ମୋତେ
ମୁଁ ଅଛି ତୋ ଚ଼ାରି ପାଖେ
ମୁଁ ଶୂନ୍ୟ ଶୂନ୍ୟ ମହାଶୂନ୍ୟ
ଅନନ୍ତ ପ୍ରସାରିତ
ସବୁରୁପରେ ମୁଁ ଅଛି
ସେହି ରୂପରେ ମୋତେ ଦେଖ
ସେହି ପ୍ରାପ୍ତିରେ ଆନନ୍ଦ
ସେହି ଆନନ୍ଦରେ ମୁଁ ପରମାନନ୍ଦ ।

## ଧାରେ ଲୁହର ବନ୍ୟା !

ସୁଜାତା ମହାପାତ୍ର



କେହି ଜଣେ କାନ୍ଦୁଥିଲା ନିର୍ଜନରେ !

ଲୁହ ସବୁ ମିଶି ଯାଉଥିଲେ
କାକର ହୋଇ ମାଟିରେ,
ପବନରେ, ପତ୍ରରେ

କିଛି ସଞ୍ଚରୁଥିଲେ ଆକାଶକୁ !

ଓଦା ଲୁହ ପିଇ ପତ୍ର
ମାଖି ହେଲା ସାବୁ ରଙ୍ଗ

ବୁନ୍ଦେ ରକ୍ତବର୍ଣ୍ଣ ଲୁହ କେମିତି କେଜାଣି
ଇଡି ହୋଇଗଲା ଗଭୀର
ଅନ୍ୟମନସ୍କତାରେ ।

ଅମାନିଆ ସେ, ବର୍ଷୁଛି ଯେ ବର୍ଷୁଛି !
ନଡ଼ା, କୁଟା ଛପରରୁ ଓହ୍ଲେଇ
ଛୁଟିଛି ଧାରେ ରକ୍ତ !
ବହିଚ଼ାଲିଛି, ନିଃପାଦ ଅଗଣାରେ

ବେଖାତିର ବର୍ଷା !
ବେପରୱା ମାଡି ଯାଉଛି ଆଗକୁ,
ଆଗକୁ...

ବାଟ ଘର, ଗମ୍ଭିରୀ, ଅମାର
ଏ ନିର୍ମମ ବର୍ଷାରେ ସଭିଏଁ ଏକାକାର
ଈଶାଣ, ଦେଇପିଣ୍ଡି, ପିଢ଼ି ପି ?ର
ସମ୍ପାଦିତ ବିଶ୍ୱାସ ଓ ଈଶ୍ୱର
ସମସ୍ତେ ସ୍ଥାନାନ୍ତରଣର ଶିକାର

କିଏ ସେ କରିପାରିବ ଆକଳନ !

କେତେ ସ୍ୱର୍ଗକୁ ମାଟି କରିଛି ସାରାରାତି
ବର୍ଷିଥିବା ଧାରେ ଲୁହର ଏ ବର୍ଷା !

ଶିବାନୀ ଏଂକ୍ଲେଭ
ବମୀଖାଲ କେନାଲ ରୋଡ
ଭୁବନେଶ୍ୱର, ୭୫୧୦୧୦
ଫୋନ: ୯୪୩୭୩୬୦୯୬୪

## ଶୀତର ଗୀତ

ଲୋପାମୁଦ୍ରା ଜେନା



ତୁ ଥରାନା ଥରାନା ଦେହକୁ ମୋହର
ବଡ ବେଦରଦୀ ହୋଇ ,
ପାଣିକୁ ଛୁଇଁଲେ ଲାଗୁଛି ବରଫ
ଓଠ ଥରେ ରହି ରହି ।
ତୁ ଛୁଉଁନା ଛୁଉଁନା ତତେ କରେ ମନା
କାମରେ ଲାଗୁନି ମନ,
ଡାକୁଛି କମ୍ବଳ ଗେହ୍ଲେଇ ଗେହ୍ଲେଇ
ଦେଖାଇବ ରୁପାଜହ୍ନ ।
ତୁ ବଜାନା ବଜାନା ତୋ' ସୁନାବଇଁଶୀ
ଦିନ ହୋଇଯାଏ ରାତି,
ନିଦ ମାଉସୀ ତା' କୁହୁକ ଛୁଆଁରେ
ଢାଳିଦିଏ ଯେତେ ପ୍ରୀତି ।
ତୁ ଝରନା ଝରନା ଟୋପାଟୋପା ହୋଇ
କୁହୁଡି ରୂପରେ ଏତେ,
ତୋ ଛୁଆଁରେ ଏ ମନେ ଅୟୁତ ଭାବନା
ସେ ଭାବେ ମୁଁ ଭିଜେ ସତେ ।
ତୁ ଗାଅନା ଗାଅନା ତୋ ମିଠା ସୁରରେ
ସପନେ ଯାଉଛି ହଜି,
ଲବଙ୍ଗଦ୍ୱୀପରେ ସ୍ମୃତି ପଖାଳୁଛି
ଲାଜେରେ ମୁଁ ଭିଜିଭିଜି ।
ତୁ ଜଳାନା ଜଳାନା ହୃଦୟକୁ ଆଉ
ଦେଇ ତୋ ହେମାଳ ଛୁଆଁ,
ତୋ ଛୁଆଁରେ ଦେହେ ଖେଳେ ଶିହରଣ
ଶୁଭେ ଖାଲି ପ୍ରିୟା ପ୍ରିୟା ॥

## ସତେ କଣ ମୁଁ ବୁଢ଼ା ହେଲିଣି

ବାଉରିବନ୍ଧୁ ଲେଙ୍କା



ଚ଼ାଲିଗଲେ ଟିକେ ଥକି ପଡୁଛି ମୁଁ
ଆଗପରି ଆଉ ବଳ ପାଉନି
ବେଶିଦିନ ଆଉ ବଞ୍ଚିବିନି ବୋଧେ
ନିଶ୍ୱାସ ନେବାରେ କଷ୍ଟ ହେଲାଣି
ସତେ କଣ ମୁଁ ବୁଢ଼ା ହେଲିଣି ?

ଚ଼ଷମାକୁ ଯେତେ ବଦଳେଇଲେ ବି
ଆଖିକୁ ମୋ ଆଉ ଭଲ ଦିଶୁନି
ବଡ଼ ପାଟିକରି କହିଲେ ବି କେହି
କାନକୁ ମୋ ଆଉ ଭଲ ଶୁଭୁନି
ସତେ କଣ ମୁଁ ବୁଢ଼ା ହେଲିଣି ?

ରାଗୁଥିଲି ଆଗେ ଯେଉଁ କଥା ଶୁଣି
ଏବେ ସବୁ ଅଣଦେଖା କଲିଣି
କାହାରି ଉପରେ ରାଗିବାକୁ ଏବେ
ଛାତିରେ ଛାନିଆ ପଶିଗଲାଣି
ସତେ କଣ ମୁଁ ବୁଢ଼ା ହେଲିଣି ?

ମନ ଭିତରର କୋହ ଯେତେ ସବୁ
ଆଖି ଲୁହ କରି ନିଗାଡ଼ିଲିଣି,
କେହି ପଚ଼ାରିବା ଆଗରୁ କହୁଛି
ଆଖି ମୋ ଖରାପ ହୋଇଗଲାଣି,
ସତେ କଣ ମୁଁ ବୁଢ଼ା ହେଲିଣି ? ॥

ମୁହଁ ଟାଣ ମୋର କମ ନୁହେଁ ହେଲେ
ଶରୀରର ଆଉ ବଳ ପାଉନି
ଭିତରେ ଭିତରେ ଘୁଣ ଖାଇଲେଣି
ମନଟା ଦୁର୍ବଳ ହୋଇଗଲାଣି
ସତେ କଣ ମୁଁ ବୁଢ଼ା ହେଲିଣି ? ॥

ଭୁଲ କରିବାଟା ସ୍ୱାଭାବିକ ଯେଣୁ
ବୟସଟା ମୋର ବଢ଼ିଗଲାଣି
ଭୁଲ ପ୍ରାୟଶ୍ଚିତ କରିବା ପାଇଁକି
ମନେ ଅନୁତାପ ଏବେ କଲିଣି
ସତେ କଣ ମୁଁ ବୁଢ଼ା ହେଲିଣି ? ॥

ସର୍ବ ? ନିଜ ନିଜ ଅଭିନୟ ସାରି
ସଂସାରରୁ ଦିନେ ନେବା ମେଲାଣି
ଚ଼ାଲୁ ଚ଼ାଲୁ ଚ଼ାଲିଯାଆନ୍ତି କି ମୁହିଁ
ଏବେ ଠାରୁ କାହିଁ ମନ ହେଲାଣି
ସତେ କଣ ମୁଁ ବୁଢ଼ା ହେଲିଣି ? ॥

ଦ ପର୍ଲ ରେହିଡେନ୍ସି
ଦୁର୍ଗାମାଧବ ନଗର, ଭୁବନେଶ୍ୱର
୯୮୫୩୫୩୫୮୪୪

## ଚିହ୍ନ

ହୀରକ ମିଶ୍ର



ଦିଅଁଙ୍କ ପାଖେ ଶୁଭମନାସି ଜଳୁନଥାଏ ତା ପାଇଁ ଦୀପଟିଏ
ଅବା ଦିଶେନି କେଉଁଠି ଉର୍ଦ୍ଧ୍ୱମୁଖୀହୋଇ ଉଡୁଥିବାର
ରଙ୍ଗବେରଙ୍ଗ ବେଲୁନ ଗୁଡିକ
ସାତ ସ୍ୱପ୍ନ ! ଜାମା ,ଯୋଡ ପିଠା ,ମିଠା ଜନ୍ମ ଦିନରେ
ଆହାଃ ପଦେ ପାଇଁ , କିଏ ଥାଏ ଯେ ,
ଅରକ୍ଷିତ କୁ କେବଳ ଦଇବ ସାହା
ବ୍ୟସ୍ତ ଜଞ୍ଜାଳରେ ତୁମ ଆମ ପାଶେ ବେଳ କାହିଁ ଯେ ବୁଝିଆସିବାକୁ
ସେମାନଙ୍କ ଜନ୍ମ ଅବା ଜାତକକୁ ।

ଆଖି ସାମ୍ନାରେ ଦଣ୍ଡାୟମାନ ଥିବା ବୃକ୍ଷଟି
ବଡ଼ ପ୍ରତିଶୃତି ବଦ୍ଧ !
ତା କାନରେ ସୃଷ୍ଟିର ମନ୍ତ୍ର କହି ଆଣି ଥିବାରୁ ପୃଥିବୀ କୁ
ସେ ନିତ୍ୟ ପ୍ରଣିପାତ କରୁଛି ଈଶ୍ୱରଙ୍କୁ

ବକ୍ଷ ପ୍ରସାରି ବଢୁଥିଲା ଅନେକ ଋତୁ ଆନନ୍ଦରେ
ଏବେ କିନ୍ତୁ ଜଳୁଛି ବୈଶାଖ ଜ୍ୱାଳାରେ ,
ନିରବରେ କେବଳ ଆଶ୍ରା କରି ଆଷାଢ଼ କୁ

ମାଟିରେ ମଥାପାତି ଆମ୍ଭା ତାର ଅହରହ ଚ଼ାହିଁରହିଥାଏ ଆକାଶକୁ
ଜୀବନର ଗନ୍ଧ ! ବଞ୍ଚିବା କୁ ଅନ୍ଧ କରେ ! ଏ କଥା ସତ
ସେଥିଲାଗି ପତ୍ର ଝଡା ଦେଲେବି ,
ଧୈର୍ଯ୍ୟର ସହ ଲଢୁଥାଏ ଜିତିବାକୁ
ହାତମୁଠାରେ ଧରି କେବଳ ଅବଶିଷ୍ଟ ଆୟୁଷପୁଞ୍ଜି କୁ

ନିଶାଖୋର ମାନେ ବୁଝନ୍ତିନି କେବେହେଲେ
ପ୍ରେମ କେବଳ ନିଃସର୍ତ୍ତ !
ଭାଗ୍ୟ ର ଭୋଗବଳେ ଜନ୍ମ ନିଅନ୍ତି ଔରସରୁ ନିଷ୍ପାପ ଈଶ୍ୱର !
ଶରଣାର୍ଥୀ ଶିବିରରେ ଆଜିକାଲି ଏମାନଙ୍କ ଖୁବ୍ ଭିଡ଼
ଡାକିଆଣି ପୃଥିବୀ ଭିତରକୁ
ତୁମ୍ଭମାନଙ୍କର ଏତେ ପ୍ରତାରଣା ! କାହିଁକି କେଜାଣି !

ତେବେ କ' ଣ
ଦୂର ଦିଗ୍ ବଳୟରେ ଏଇ କଥା ଦିଶୁଚ଼ି କି
ସୃଷ୍ଟିର ସୂର୍ଯ୍ୟ ସଭ୍ୟତାକୁ ଡୁବେଇଦେବାକୁ ବସିଲେଣି !

ଆକାଶ ର ଛାତି ଚ଼ିରି ଏଠି ବୋମା ବର୍ଷି ଜାହାଜ ଉଡେ
ସମୁଦ୍ର ର ସାତତଳେ ସାର୍କ ପରି ଶତ୍ରୁ ବଢେ
ଡରେ ଶିଶୁଟିଏ ,କହିବାକୁ କାହାକୁ ନିଜର
ସହି ପାରେନି , ଆତ୍ମୀୟ ଙ୍କ ଅତ୍ୟାଚ଼ାର !
ବଢିଲାଣି ତା ମନରେ ନିଁଆ ପାଣି ପବନକୁ ଡ଼ର

କଣ ମାଗେ ସେ ତୁମକୁ ....
ଟିକେ ସ୍ନେହ , ପ୍ରେମ ମମତା ତୁମର
ଦେହ ଥିଲେ ଭୋକ ଥାଏ
ଭାବୁଚ଼ ! କଣ ବା କରିଥାଆନ୍ତା ?
ତୁମ ଆଖିରେ ସେ ଅଇଁଠାପତ୍ର ଚ଼ାଟୁଚ଼ି ସିନା
ବିଦାରି ହେଉଛି ମୃତ୍ୟୁ ପରା ତା ଭିତରେ ତାକୁ ଝୁଣିବାକୁ

କାହିଁକି ନା ଏ ବସୁଧା ର ନୈସର୍ଗିକ ଶୋଭା ରୁ
ତୁମେ ହିଁ ' ଛଡେଇ ନେଉଛ
ତା ଅଧିକାର !
ସେ ବୁଝୁ କି ନ ବୁଝୁ
ଅଙ୍କୁରି ଉଠୁ ତା ପ୍ରାଣ ରକ୍ଷା ଲାଗି
ଏ ମାଟିରେ ବଳିଷ୍ଠ ସ୍ୱାକ୍ଷର !
ଖୁବ୍ କଷ୍ଟ ଲାଗେ ଦେଖିବାକୁ ,
ଯେବେ ଦାଦନ କହି ଝୁଲେଇ ଦିଆଯାଏ
ତୈଳଚ଼ିତ୍ର ଟିଏ ଆନ୍ତର୍ଜାତୀୟ କାନଭାସ୍ ରେ
କେହି ଜଣେ ଅସହାୟ ଆତ୍ମୀୟ ର ...
ଈଶ୍ୱରପଣ ଦେହରେ ଧରି
ଏମିତି କେମିତି ଇଚ଼୍ଛା କରିପାର ,
ଅସହାୟ ମଣିଷ ଟିକୁ ଦେଖିବାକୁ !

## କାହିଁକି ରେ ମେଘ.... ?

ସସ୍ମିତା ଚୌଧୁରୀ



କାହିଁକି ରେ ମେଘ !
କଳା କଳେବର କାଳ ହେଲୁ କାହା ପାଇଁ ?
ଶୀତର କୋଳରେ ସର୍ବନାଶର ତୁ
ବାର୍ତ୍ତାକୁ ଆଣିଲୁ ବହି !
ସୁନା ଲହରୀର ସମ୍ଭାରରେ ପୂରି
ଥିଲା ଶତ କୃଷି କ୍ଷେତ୍ର
ଅକାଳେ ଅଜାଡି ପଡିଲୁରେ କାଳ କଲୁ କ୍ଷେତ ଛିନ୍ନଛତ୍ର।

ଅମରାବତୀର ଅମାର ଅମାର ଉଜୁଡା ଧାନର ପେଣ୍ଠା
ତୁ କି ଜାଣିବୁ ଚ଼ାଷୀ ଘରଣୀର ତିନ୍ତିଲା ଛାତିର ବ୍ୟଥା ?
ଭିଷଣ ଭସାଣି ସୁଅରେ ଭାସୁଛି ଏ ଜାତିର ମାନଦଣ୍ଡ
ହତାଶ ହାତରୁ ଖସି ପଡେ ଦାଆ ହୃଦୟ ତା' ଶତଖଣ୍ଡ।

ସାରା ବର୍ଷର ସର୍ବସ୍ୱ ଖଟାଇ ଖଳା ଲିପି ପୋଛି ଉଭା
ଅମଳ ଆଗରୁ ଆଖିର ଆଗରେ ବଳି ପଡେ ଭାଗ୍ୟ କିବା।
ମେଘରେ ! ତୋତେ କି ଛୁଇଁ ପାରିଲାନି ଚ଼ାଷୀକୂଳ ହାହାକାର ?
କି ସୁଖ ପାଇଲୁ ଏ ଜାତି ସମ୍ପଦ କରି ଆପେ ଛାରଖାର ?

ମଗୁଶିରେ କାହିଁ ସାଜିଲୁ ବଇରୀ ଦୁଷ୍ଟ ଏ ଚ଼ାଷୀ କୂଳର ?
କାହିଁ କାଳ ବକ୍ଷେ ରଚ଼ିଲୁ କାଳିମା ଅଧ୍ୟାୟ ତୁ କାଳିମାର ?

ଭୁବନେଶ୍ୱର




## ଛାତ୍ର କଂଗ୍ରେସ ନେତାଙ୍କୁ ମରଣାନ୍ତକ ଆକ୍ରମଣ



ଭୁବନେଶ୍ୱର (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ବିଜେଡ଼ିର ଦଳୀୟ ସଭାରେ ଦାରୁଠେଙ୍ଗ ଠାରେ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ବଂଟନକୁ ଛାତ୍ର କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଲୋକଙ୍କ ଟିକସ ପଇସାରେ ବିଜୁ ସ୍ୱାସ୍ଥ୍ୟ ଯୋଜନାର ଅର୍ଥ ଦିଆଯାଉଛି। ମାତ୍ର ବିଜେଡ଼ି ବିଜୁ ସ୍ୱାସ୍ଥ୍ୟକାର୍ଡ ବଂଟନ ନାମରେ ପଂଚାୟତ ନିର୍ବାଚନର ପ୍ରଚାର କରୁଛନ୍ତି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଜଟଣୀର ପୂର୍ବତନ ବିଧାୟକ ତଥା ବିଜେଡ଼ି ଜିଲ୍ଲା ସଭାପତି ଦଳୀୟ ସଭାରେ ବିଜୁ ସ୍ୱାସ୍ଥ୍ୟକାର୍ଡ ବାଣ୍ଟିବା ଦୁର୍ଭାଗ୍ୟଜନକ। ସେଠାରେ କୌଣସି ସରକାରୀ ଅଫିସରଙ୍କୁ ବଂଟନ ଦାୟିତ୍ୱ ଦିଆଯାଇନଥିଲା ଓ ବିଶେଷକରି ସ୍ଥାନୀୟ ବିଧାୟକ ଯେକି ଜନପ୍ରତିନିଧି ତାଙ୍କୁ ମଧ୍ୟ ଏହି ବଂଟନ କାର୍ଯ୍ୟରେ ସାମିଲ କରାଯାଇନଥିଲା। ପଂଚାୟତ ନିର୍ବାଚନକୁ ହାତମୁଠାକୁ ଆଣିବା ପାଇଁ ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ଅସ୍ତ୍ର କରାଯାଉଛି। ଏହାର ପ୍ରତିବାଦ କରିବାରୁ ପ୍ରଦେଶ ଛାତ୍ର କଂଗ୍ରେସ ସଂପାଦକ ସୌମ୍ୟ ଶ୍ରୀଚନ୍ଦନ ଏବଂ ଅନ୍ୟମାନଙ୍କୁ ପୋଲିସ ଉପସ୍ଥିତିରେ ବିଜେଡ଼ି ଗୁଣ୍ଡାମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି। ସାରା ରାଜ୍ୟରେ ନବୀନ ଶାସନର ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ବିରୋଧ କରୁଥିବା ଛାତ୍ର କଂଗ୍ରେସ କର୍ମକର୍ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନବାବୁ ତାଙ୍କର ପୋଷା ଗୁଣ୍ଡାଙ୍କ ମାଧ୍ୟମରେ ଦମନ କରିବାପାଇଁ ଏକ ନିର୍ଦ୍ଦିଷ୍ଟ ଯୋଜନାକ କରିଛନ୍ତି ହେଲେ ଛାତ୍ର କଂଗ୍ରେସ ଡରିବ ନାହିଁ କି ଦବିବ ନାହିଁ। ନବୀନ କୃତ ଅନ୍ୟାୟର ପ୍ରତିବାଦ ଅବ୍ୟାହତ ରହିବ। ବିଜେଡ଼ି ଗୁଣ୍ଡାଙ୍କ ବିରୋଧରେ ଚନ୍ଦକା ଥାନାରେ ଏତଲା ଦରଜ କରାଯାଇଛି। ଯଦି ଏହି ବିଜେଡ଼ି ଗୁଣ୍ଡାମାନଙ୍କୁ ତୁରନ୍ତ ଗିରଫ କରି ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଛାତ୍ର କଂଗ୍ରେସ ତୀବ୍ର ଆନ୍ଦୋଳନ କରିବ ବୋଲି ଶ୍ରୀ ନୱାଜ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ୟାପଟେନ ମନ୍ମଥ ରାଉତରାୟ, ପ୍ରକାଶ ମିଶ୍ର, କାର୍ତିକେଶ୍ୱର କାଣ୍ଡି, କଳିଙ୍ଗ ସାହୁ, ମହମ୍ମଦ ଗୁଲଫାମ, ସାଗର ପଟ୍ଟନାୟକ, ସୁବାଷ ମହାପାତ୍ର, ସଂକେତ ପାଟଶାହାଣୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ନାକପୋଲ ହାଟରୁ ୩ ମୋବାଇଲ୍ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ନାକପୋଲ ହାଟରୁ ୩ଟି ମୋବାଇଲ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସାମାନ୍ୟ ଅସାବଧାନତାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଅନାୟସରେ ବିଭିନ୍ନ ଦାମି ମୋବାଇଲ୍ ଲୁଟି ନେଉଛନ୍ତି। ପ୍ରକାଶ ଯେ, ଜାରକା ପଣ୍ଡୁଆ ଅଞ୍ଚଳର ଆଶିଷ କୁମାର ସାହୁ ନାକପୋଲ ହାଟକୁ ଯାଇ ପରିବା କିଣୁଥିବା ବେଳେ ହଠାତ୍ ତାଙ୍କ ମୋବାଇଲ୍‌ଟି ଚୋରି ହୋଇଯାଇଥିଲା। ସେହିପରି ଦେଉଳିପାଳ ଗ୍ରାମର ସାମ୍ବାଦିକ ଗୟାଧର ନାୟକଙ୍କ ମୋବାଇଲ୍‌ଟି ମଧ୍ୟ କେହି ଦୁର୍ବୃତ୍ତ ଲୁଟି ନେଇଥିଲା। ଏଥିସହ ସୂର୍ଯ୍ୟାସ୍ତ ସଂପାଦକ ବିବେକାନନ୍ଦ ରାୟ ନାକପୋଲ ହାଟକୁ ପରିବା କିଣିବାକୁ ଯାଇଥିବା ବେଳେ ତାଙ୍କ ମୋବାଇଲ୍ ମଧ୍ୟ ଚୋରି ହୋଇଯାଇଥିଲା। ଏନେଇ ଏମାନେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ୍ ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲେ ହେଁ, ଲୁଟେରାଙ୍କ ସଂପର୍କରେ କୌଣସି ସୂଚନା ମିଳିନାହିଁ। ସେହିପରି ପୂର୍ବରୁ କଣିପାଟିଆ ଗ୍ରାମର ସାମ୍ବାଦିକ ବଟକୃଷ୍ଣ ପରିଡାଙ୍କ ମଧ୍ୟ ଦୁଇଟି ମୋବାଇଲ୍ ଚୋରି ହୋଇଥିଲା। ନାକପୋଲ ହାଟରୁ ବାରମ୍ବାର ମୋବାଇଲ୍ ଚୋରି ହେବା ନେଇ ଥାନାରେ ଅଭିଯୋଗ ହେଉଥିଲେ ମଧ୍ୟ ଚୋରଙ୍କୁ ଧରିବାରେ ପୁଲିସ୍ ବିଫଳ ହେଉଥିବା ଅଭିଯୋଗ ଉଠିଛି। ହାଟରେ ପୁଲିସ ପ୍ରହରା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

## ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମ

ବାଲିଅନ୍ତା (ପିଏନ୍): ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସମଗ୍ର ଜୟଦେବ ମଣ୍ଡଳୀକୁ ସବୁଜିମାରେ ପରିଣତ କରିବା ଲକ୍ଷ୍ୟ ନେଇ ବିଭିନ୍ନ ସରକାରୀ ସ୍ଥାନ, ନଦୀବନ୍ଧ, ସ୍କୁଲ ପରିସର, ଅନାବାଦି ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟ ସହିତ ନିଜସ୍ୱ ଚେଷ୍ଟାରେ ଶିଶୁ ଚାରା ତିଆରି କରି ସାଧାରଣ ଲୋକଙ୍କୁ ବଂଟନ କରିବା ସହ ଚାରା ରୋପଣ ଓ ତାର ରକ୍ଷଣାବେକ୍ଷଣ ଦାଇତ୍ୱ ମଧ୍ୟ ନେଇଥାଏ ଟ୍ରଷ୍ଟ। ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ଗ୍ରାମପଂଚାୟତ ହିରାପୁର ଗ୍ରାମର ନଦୀପଠାରେ ଥିବା ମା' ପନ୍ଥେଇ ଠାକୁରାଣୀଙ୍କ ମନ୍ଦିର ପରିସରକୁ ଟ୍ରଷ୍ଟ ପକ୍ଷରୁ ରୋପିତ ବୃକ୍ଷର ଯତ୍ନ ଓ ମନ୍ଦିର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୟଦେବ ବିଧାୟକଙ୍କ ବାଲିଅନ୍ତା ଶିକ୍ଷା ପ୍ରତିନିଧି ନାରାୟଣ ବେହେରା ଯୋଗଦେଇ ଟ୍ରଷ୍ଟର କାର୍ଯ୍ୟକ୍ରମକୁ ବେଶ ପ୍ରଶଂସା କରିଥିଲେ। ଏହିଭଳି ମହତ୍ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଟ୍ରଷ୍ଟର ମୁଖ୍ୟ ଦୀନବନ୍ଧୁ ଭୋଇ ଠାକୁରାଣୀଙ୍କ ପୀଠର ସର୍ବାଙ୍ଗିନ ଉନ୍ନତିକରଣ ସହିତ ପରିବେଶର ବିକାଶ ଦିଗରେ କାର୍ଯ୍ୟ କରିବା ନେଇ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅଂଚଳର ଶତାଧିକ ପୁରୁଷ ଓ ମହିଳା ସ୍ୱତଃସ୍ଫୂର୍ତ ଭାବେ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ସୁବାସ ଦାସ, ବିଷ୍ଣୁଚରଣ ସାହୁ ଓ ଗୋବିନ୍ଦ ବେହେରା ଯୋଗଦେଇଥିବା ବେଳେ ଟ୍ରଷ୍ଟି ଗଗନ ଭୋଇ ଏହି ସଫେଇ କାର୍ଯ୍ୟକୁ ପରିଚାଳନା କରିବା ସହିତ ଅତିଥିମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଉଚ୍ଚ ଶିକ୍ଷାନୁଷ୍ଠାନରେ ମାନବୃଦ୍ଧି ନିମନ୍ତେ କେନ୍ଦ୍ରାପଡା କଲେଜରେ କର୍ମଶାଳା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କିଟ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଉଚ୍ଚ ଶିକ୍ଷାନୁଷ୍ଠାନର ମାନବୃଦ୍ଧି ନିମନ୍ତେ ଏକ କର୍ମଶାଳା କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସଚାନସେଲର ଡଃ. ସସ୍ମିତାରାଣୀ ସାମନ୍ତ ଗବେଷଣା କ୍ଷେତ୍ରରେ ଆଞ୍ଚଳିକ ସ୍ତରର ଲୋକ ସମସ୍ୟା ସମ୍ପର୍କିତ ହେବା ଦରକାର। ମହାବିଦ୍ୟାଳୟର ଅଟ୍ଟାଳିକା, ଗବେଷଣାଗାର ଭଳି ବୌଦ୍ଧିକ ଭିତ୍ତିଭୂମି ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଖଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଆମ ଆଗରେ ଜାତୀୟ ବା ଅନ୍ତର୍ଜାତୀୟ ସ୍ତରର କୌଣସି ଉଚ୍ଚମାନର ଅନୁଷ୍ଠାନକୁ ଆଦର୍ଶ ଭାବରେ ଗ୍ରହଣ କରି ଅଗ୍ରସର ହେବା ଦରକାର। ପ୍ରଫେସର ରଞ୍ଜନ କୁମାର ବଳ ନାକ୍‌ରେ ଉଚ୍ଚ ମାନ ପାଇବା ପାଇଁ କିଛି ବର୍ଷ ଧରି ସାଧନାର ଆବଶ୍ୟକତା ରହିଛି। ସେଥିପାଇଁ ଶିକ୍ଷକ, କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ ତଥା ବର୍ତମାନର ଶିକ୍ଷାର୍ଥୀମାନଙ୍କର ସହଯୋଗ ଦରକାର। ପ୍ରଫେସର ଜୟନ୍ତ କୁମାର ପରିଡା ଆଗାମୀ ନାକ୍ ଆକଳନ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଭ୍ୟନ୍ତରୀଣ ମାନ ନିର୍ଦ୍ଧାରଣ କମିଟିର ଆବାହକ ଡଃ. ପ୍ରମୋଦ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କର୍ମଶାଳାକୁ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ପ୍ରତିନିଧିମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଏହି କର୍ମଶାଳାରେ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା, ଡଃ. ସେକ ସମସୁର, ପ୍ରଫେସର ବିନ୍ଦୁମିତ୍ର ବଳ, ପ୍ରାକ୍ତନ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡା, ପଟ୍ଟାମୁଣ୍ଡାଇ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଦେବେନ୍ଦ୍ର ପ୍ରଧାନଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକାମାନେ ଯୋଗଦେଇଥିଲେ। ଲେଫ୍ଟନାଣ୍ଟ ସୀମା ମହାନ୍ତି କର୍ମଶାଳାକୁ ସଂଚାଳନ କରିଥିଲେ।

## ୮୦ ପ୍ରତିଶତ ନମ୍ବର ରଖିଥିବା ଛାତ୍ରଛାତ୍ରୀ ପାଇବେ ମେଧାବୃତ୍ତି

ଭୁବନେଶ୍ୱର (ପିଏନ୍)-ଗରିବ, ନିମ୍ନ ମଧ୍ୟବିତ୍ତ ୮୦ ପ୍ରତିଶତ ନମ୍ବର ରଖିଥିବା ମେଧାବୀ ଛାତ୍ରଛାତ୍ରୀ ପାଇପାରିବେ ବାର୍ଷିକ ୪୦ ହଜାର ଟଙ୍କାର ମେଧାବୃତ୍ତି। ବିକାଶ ଏଜୁକେଶନାଲ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ ଡିଷ୍ଟ୍ରିଟ ସେଣ୍ଟର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ୨୮ତମ ବାର୍ଷିକ ମେଧାବୃତ୍ତି ଘୋଷଣା ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଟ୍ରଷ୍ଟର ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଇଂ. ଦୀନବନ୍ଧୁ ନନ୍ଦ, ବିକାଶ ବିହାରୀ ବିଶ୍ୱାଳ ଆସନ୍ତା ଶିକ୍ଷା ବର୍ଷରେ ଦେବାକୁ ଥିବା ବୃତ୍ତିସଂଖ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥର ନୂତନ ଭାବେ ଜିଏନ୍ ଏମ୍(ନର୍ସିଂ) ଓ ଡିପ୍ଲୋମା ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ ପାଇଁ ଘୋଷଣା କରିଥିଲେ। ଟ୍ରଷ୍ଟର କର୍ମକର୍ତାଙ୍କ କହିବା ଅନୁସାରେ ଟ୍ରଷ୍ଟ ଗତ ୨୮ ବର୍ଷ ହେଲା ଗରିବ ମେଧାବୀ ଇଂଜିନିୟରିଂ, ମେଡିକାଲ, ନର୍ସିଂ, ଡିପ୍ଲୋମା, ବିଏସସି (ଏଜି),ଆୟୁର୍ବେଦିକ, ହୋମିଓପାଥିକ ଇତ୍ୟାଦି ପାଠ୍ୟକ୍ରମ ପାଇଁ ବେସରକାରୀ ମେଧାବୃତ୍ତି ପ୍ରଦାନ କରି ଆସୁଅଛି। ଏବର୍ଷ ମଧ୍ୟ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବ। ଛାତ୍ରଛାତ୍ରୀମାନେ www.vikas.org.in ସାଇଟକୁ ଯାଇ ଆବେଦନ କରିପାରିବେ କିମ୍ବା ଫର୍ମ ପୁରଣ ଲରି ଡିଷ୍ଟ୍ରିଟ ସେଣ୍ଟର କାର୍ଯ୍ୟାଳୟ ୧୩୯ଠାରେ ପଇଠ କରିପାରିବେ। ଏଥିପାଇଁ ଡିସେମ୍ବର ୩୧କୁ ଶେଷ ତାରିଖ ଭାବେ ରଖାଯାଇଛି। ଏଥର ଅନଲାଇନ୍ ମାଧ୍ୟମରେ ଆଇଏଏସ ଓ ଓଏଏସ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀ ମାନଙ୍କୁ ପଢାଯିବ ବୋଲି ଟଷ୍ଟ୍ର ପକ୍ଷରୁ କୁହାଯାଇଛି। ଆଜିର ଏହି କାର୍ଯ୍ୟକ୍ରମକୁ ଟଷ୍ଟ୍ରର ଜେନେରାଲ ମ୍ୟାନେଜର ସର୍ବେଶ୍ୱର ପଣ୍ଡା ପରିଚାଳନା କରିଥିଲେ।

## ଭାଷା ଓ ସାହିତ୍ୟ ଗୋଟିଏ ଜାତିର ସଂସ୍କୃତିର ବାହକ




କୋଣାର୍କ (ପିଏନ୍): ଗୋଟିଏ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବସବାସ କରୁଥିବା ଲୋକମାନଙ୍କର ଭାବର ବାହକ ସାଜିଥିବା ତୁଣ୍ଡର ଭାଷା ତଥା ତହିଁରୁ ସୃଷ୍ଟ ସାହିତ୍ୟ ସଂପୃକ୍ତ ଜାତିର ସଂସ୍କୃତିର ବାହକ। ଭାଷା ତଥା ସାହିତ୍ୟରେ ଜନ୍ମମାଟିର ସୁଗନ୍ଧ ସୁରକ୍ଷିତ ନ ରହିପାରିଲେ, ସଂପୃକ୍ତ ଜାତି ନିଜର ମୌଳିକ ପରିଚୟ ଓ ଗୌରବଗାରିମା ହରାଇଥାଏ। ନିଜସ୍ୱ ସଂସ୍କୃତିର ମହନୀୟତାକୁ ଶାଶ୍ୱତ, କାଳଜୟୀ ତଥା ପରିପୁଷ୍ଟ କରିବାରେ ମାତୃଭାଷାର ମାଟି ସହିତ ସଂପର୍କ ଘନିଷ୍ଠ ହେବା ସର୍ବାଦୌ ବାଞ୍ଛନୀୟ ବୋଲି ଶୁକ୍ରବାର କୋଣାର୍କ ସାହିତ୍ୟ ଆସରରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କୋଣାର୍କ ସାହିତ୍ୟ ସଂସଦ ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ କୋଣାର୍କ ସାହିତ୍ୟ ଆସରରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଂଜନ କୁମାର ଦାସ ମୁଖ୍ୟ ଅତିଥି, ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ବିଶିଷ୍ଟ ଅତିଥି ଓ କବୀ ତଥା ଗବେଷିକା ଡ. ଜୟନ୍ତୀ ରଥ ମୁଖ୍ୟବକ୍ତାରୂପେ ଯୋଗଦେଇ 'ସମକାଳୀନ ଓଡିଆ ସାହିତ୍ୟର ଭାଷା' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିବା ଅବସରରେ ଏହି ମତ ଦେଇଛନ୍ତି। କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ପୌରୋହିତ୍ୟରେ ଆୟୋଜିତ କୋଣାର୍କ ସାହିତ୍ୟ ଆସରକୁ ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିରୂପେ ପର୍ଯ୍ୟଟନ ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ବିରଂଚି ମିଶ୍ର ଓ ଗାଳ୍ପିକ ହରେକୃଷ୍ଣ ସାହୁ ଯୋଗ ଦେଇଥିଲେ।



ଏହି ଅବସରରେ ଚିତ୍ରଶିଳ୍ପୀ ବର୍ଣ୍ଣାଳୀ ଶତପଥୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ସାହିତ୍ୟ ଆସରର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ପ୍ରକାଶଚନ୍ଦ୍ର ଖଟୋଇଙ୍କ ଦ୍ୱାରା ସଂପାଦିତ ଶିଶୁପତ୍ରିକା 'ବାନରସେନା'ର ଚଳିତ ସଂଖ୍ୟା ଏବଂ ଗୋପ ଏବିଇଓ କମଳିନି ବେହେରାଙ୍କ ପୁସ୍ତକ 'ତୁମପରି ଟିକି ପିଲାଟିଏ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କୁ ଧରମା ସମ୍ମାନ, କବି ରଂଜନ କୁମାର ଦାସଙ୍କୁ କୋଣାର୍କ ସାହିତ୍ୟ ସମ୍ମାନ, କବୀ ଡ. ଜୟନ୍ତୀ ରଥଙ୍କୁ ଅର୍କପ୍ରଜ୍ଞା ସମ୍ମାନ, ବିରଂଚି ମିଶ୍ରଙ୍କୁ କୋଣାର୍କ ଉତ୍ସବ ସମ୍ମାନ, କବୀ ରତ୍ନପ୍ରଭା ବାଇଙ୍କୁ ମା' ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ, କବୀ ରତ୍ନାକର ବେହେରା(ଶ୍ରୀମାନ ସର୍ବଗିଳା)ଙ୍କୁ ବ୍ୟଙ୍ଗସୂର୍ଯ୍ୟ ସମ୍ମାନ, ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକଙ୍କୁ କୋଣାର୍କ କଳା ସମ୍ମାନ, ସମାଜସେବୀ ହରିଶ୍ଚନ୍ଦ୍ର ଦାଶଙ୍କୁ କୋଣାର୍କ ସେବା ସମ୍ମାନ ଓ ପଟ୍ଟଚିତ୍ର ଶିଳ୍ପୀ ବବିତା ସାହୁଙ୍କୁ କୋଣାର୍କ କଳା ସମ୍ମାନ ପ୍ରଦାନପୂର୍ବକ ସମ୍ମାନୀତ କରାଯାଇଥିଲା। କବୀ ଡ. ସୁଚିତ୍ରା ରଥ, ଶ୍ୟାମପ୍ରକାଶ ସେନାପତି, ଅନ୍ନପୂର୍ଣ୍ଣା ଦେବୀ ଓ ହରପ୍ରିୟା ସାହୁ ମାନପତ୍ର ପାଠ କରିଥିଲେ। ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ କବି ବିପିନ ମହାନ୍ତି ଓ ପ୍ରତାପ ରାଉତ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ଉମାକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଅଣୁଗଳ୍ପ ଓ କବିତା ପାଠ କାର୍ଯ୍ୟକ୍ରମରେ ଅତିଥିରୂପେ କବି ଡ. ଅବଦୁଲ ଓସିଦ୍ ଖାଁ, ଓଡିଶା ରାଜ୍ୟ ରାଜଭାଷା ବିକାଶ ପରିଷଦର ଅଧ୍ୟକ୍ଷ କବି ନାରାୟଣ ମୁଦୁଲି, ପ୍ରାବନ୍ଧିକ ସ୍ୱପ୍ନେଶ୍ୱର ସାହୁ, ପ୍ରାଚୀ ସାହିତ୍ୟ ସଂସଦର ସଭାପତି ପ୍ରଫେସର ଗୋପିନାଥ କର, କବି ଡ. ସଂତୋଷ କୁମାର ମିତ୍ର, କବୀ ସ୍ୱର୍ଣ୍ଣଲତା ତ୍ରିପାଠୀ ଅତିଥିରୂପେ ଯୋଗଦେଇ ସମକାଳୀନ ଗଳ୍ପ ଓ କବିତା ସଂପର୍କରେ ଆଲୋଚନା କରିଥିଲେ। କବିତାପାଠ କାର୍ଯ୍ୟକ୍ରମରେ କବି ରାଧାକୃଷ୍ଣ ପ୍ରଧାନୀ, ଗୋବିନ୍ଦଚନ୍ଦ୍ର ଫାରକ, ଭଗବାନ ସାହୁ, ଦେବୀପ୍ରସାଦ ମହାପାତ୍ର, କବୟିତ୍ରୀ ମଂଜୁଲତା ସିଂ, ଶୁଭସ୍ମିତା ପ୍ରଧାନ, ଟିକିନା ରାଉତ, ଚିତ୍ତରଂଜନ ବିଶ୍ୱାଳ, ଯୋଗାଚାର୍ଯ୍ୟ ମହେଶ୍ୱର ସାମଲ ଓ କୃଷ୍ଣଚନ୍ଦ୍ର ରଥଙ୍କ ସମେତ ୫୦ଜଣ କବି ନିଜସ୍ୱ କବିତା ପାଠ କରିଥିଲେ। ପରିଶେଷରେ ସମାଜସେବୀ ରାମକୃଷ୍ଣ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାରସ୍ୱତ ଉତ୍ସବକୁ ସମାଜସେବୀ ନିରଂଜନ ସାହୁ, ରବୀନ୍ଦ୍ର କୁମାର ପ୍ରଧାନ, ଗୀତାଞ୍ଜଳି ସାହୁ, ନିରଂଜନ ତ୍ରିପାଠୀ, ରାଜଲକ୍ଷ୍ମୀ ମିଶ୍ର, ପ୍ରିୟରଂଜନ ରଥ, କୁନାଲ ପାତ୍ର, ଶୁଭ୍ରାଂଶୁ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ବୃନ୍ଦାବନ ଦାସଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳୀ ସଭା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚାରିଗାଁ ଗ୍ରାମପଞ୍ଚାୟତର ସମାଜସେବୀ ସ୍ୱର୍ଗତ ବୃନ୍ଦାବନ ଦାସ (ବାଜିଆ)ଙ୍କ ଏକାଦଶାହ ଅବସରରେ ଇନ୍ଦୁପୁର ହାଇସ୍କୁଲର ୧୯୮୩ ବ୍ୟାଚ୍‌ର ସହପାଠୀଙ୍କ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଚାରିଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସମ୍ପାଦକ ଶିକ୍ଷାବିତ ପ୍ରଣବ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ବ୍ଲକ ଅଧ୍ୟକ୍ଷ ଶିବପ୍ରସାଦ ଭଳ, ମହାକାଳପଡା ବିକାଶ ମଞ୍ଚ ସଭାପତି ଓ ପରିବେଶବିତ୍ କାଶୀନାଥ ରାଉତରାୟ, ଶିକ୍ଷାବିତ୍ ଅଦ୍ୱୈତ ବଲ୍ଲଭ ଜେନା, ପର୍ଶୁରାମ ସ୍ୱାଇଁ, ନୀଳମାଧବ ପତି, ଧ୍ରୁବଚରଣ ପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ବୃନ୍ଦାବନ ଜଣେ ସାଧାରଣ ମଣିଷ ନଥିଲେ ସେ ଚାରିଗାଁ ଗ୍ରାମ ପଞ୍ଚାୟତ ଲୋକମାନଙ୍କର ସେବକ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ନିକିରାଇ ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ସରୋଜକାନ୍ତ ପଣ୍ଡା, ବାସୁଦେବ ଜେନା, ଧୂମାତ ସରପଞ୍ଚ ନରହରି ପାଣି, ଇନ୍ଦୁପୁର ସମିତି ସଭ୍ୟ ସନ୍ତୋଷ କୁମାର ବେହେରା, କିଷାନ କଂଗ୍ରେସ ଜିଲ୍ଲା ସଭାପତି ନାରାୟଣ ଚନ୍ଦ୍ର ପରିଡା, ମୁରଲୀଧର ବିଶ୍ୱାଳ, ଅଭିମନ୍ୟୁ ରାଉତ, ବେଣୁଧର ନାୟକ, ଦୁଷ୍ମନ୍ତ ମଲିକ, ଅନାଦି ଚରଣ ଦାସ, ଘାଗରା ପ୍ରାକ୍ତନ ସରପଞ୍ଚ ସରୋଜକାନ୍ତ ଜେନା, ବିଜନ ମଲିକ, ଇନ୍ଦୁପୁର ହାଇସ୍କୁଲ ୧୯୮୩ ବ୍ୟାଚର ସହପାଠୀ ପ୍ରଭାତ କୁମାର ମହାରଣା, ପ୍ରମୋଦ କୁମାର ପତି, ଶଶିଭୂଷଣ ପଣ୍ଡା, ଶ୍ରୀକାନ୍ତ ଜେନା, ପ୍ରଦୀପ ସାହୁ, ଅଧ୍ୟାପକ ପ୍ରଦୀପ୍ତ ରାଉତ, ବିଜୟ ସାହାଣୀ, ରାମନାରାୟଣ ସିଂ, ଜ୍ଞାନେନ୍ଦ୍ର ବାରିକ, ସେକ ମଇବୁର ରବ୍, ହିମାଂଶୁ ଭୂଷଣ ବେହୁରା, ପ୍ରତାପ ଜେନା, ନିଳମଣୀ ସ୍ୱାଇଁ, ବିବେକ ନାୟକ, ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସହପାଠୀ ଦିଲ୍ଲୀପ କୁମାର ଥାଟୋଇ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଗୌରାଙ୍ଗ ସାହୁ, ପ୍ରକାସ ଜେନା, ଦିଲ୍ଲୀପ ପରିଡା, କେଦାରଗୌରୀ ଜେନା, ମୃତ୍ୟୁଞ୍ଜୟ ପରିଡା, ସୁଶାନ୍ତ ସେଠୀ, ଗଙ୍ଗାଧର ପୃଷ୍ଟି, ନାରାୟଣ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ଗୀତିକାର କମ୍ପୁନାଥ ପରିଡା ଓ ତାଙ୍କର ସହଯୋଗୀମାନେ ସ୍ୱର୍ଗତ ବୃନ୍ଦାବନଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଂଗୀତ ଗାନ କରି ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲେ। ଏହି ଅବସରରେ ସହପାଠୀମାନେ ସ୍ୱର୍ଗତଃ ଦାସଙ୍କ ପତ୍ନୀଙ୍କୁ ତାଙ୍କ ପିଲାମାନଙ୍କ ପାଠପଢା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ବସ୍ତି ବାସିନ୍ଦାଙ୍କ ପାଇଁ ଅଣ୍ଟା ଭିଡ଼ିଲା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ



ଭୁବନେଶ୍ୱର (ପିଏନ୍)- ଆଜିକୁ ୧୧ ଦିନ ହେବ ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ- ୬୫ ଢୁମୁଢୁମା ହାଉସିଂବୋର୍ଡ ଫେଜ-୧, ସୁବାଷବୋଷ ନଗର ବସ୍ତି ବାସିନ୍ଦାମାନେ ରାଜ୍ୟ ସରକାର ଦ୍ୱାରା ବେଆଇନ ବସ୍ତି ଉଚ୍ଛେଦକୁ ବିରୋଧ କରି ଦିବାରାତ୍ର ଧାରଣାରେ ବସିଛନ୍ତି। ଏହାକୁ ସମର୍ଥନ କରି ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ଅନୁରୋଧ କ୍ରମେ କଂଗ୍ରେସ ନେତୃବୃନ୍ଦ ଉକ୍ତ ଧାରଣାରେ ସାମିଲ ହୋଇଥିଲେ। ଧାରଣାରେ ଯୋଗଦେଇ ଏଆଇସିସି ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର ବସ୍ତିବାସିନ୍ଦାଙ୍କୁ ସମ୍ବୋଧିତ କରି କହିଥିଲେ ଗରିବ ଶ୍ରେଣୀୟ ଲୋକଙ୍କୁ କଂଗ୍ରେସ ଦଳ ସଦାସର୍ବଦା ସୁରକ୍ଷା ଦେଇ ଆସୁଛି। ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କଠୁ ଆରମ୍ଭ କରି ରାଜୀବ ଗାନ୍ଧୀ, ମନମୋହନ ସିଂଙ୍କ ପର୍ଯ୍ୟନ୍ତ ଭୂମିହୀନଙ୍କୁ ଗୃହ ନିର୍ମାଣ ପାଇଁ ମାଗଣାରେ ଜମି ଏବଂ ପରବର୍ତି ସମୟରେ ଗୃହ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ଯୋଜନା କଂଗ୍ରେସ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଯୋଜନାଗୁଡ଼ିକୁ ପରବର୍ତୀ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ନାମ ପରିବର୍ତନ କରି ନିଜସ୍ୱ ଯୋଜନା ହିସାବରେ ଲୋକଙ୍କ ଆଖିରେ ଧୂଳି ଦେଇଛନ୍ତି। ଡ. ଚେଲା କୁମାର କହିଥିଲେ କେବଳ ଆଜି ନୁହେଁ ଯେପର୍ଯ୍ୟନ୍ତ ବସ୍ତିବାସିନ୍ଦାମାନଙ୍କୁ ନ୍ୟାୟ ନମିଳିଛି ସେଯାଏ କଂଗ୍ରେସ ଦଳ ଆନ୍ଦୋଳନରେ ସାମିଲ ହୋଇ ରହିଥିବ। ପ୍ରଦେଶ କଂଗ୍ରେସ ସଭାପତି ନିରଂଜନ ପଟ୍ଟନାୟକ ଅନୁରୂପ ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ଦର୍ଶାଇ କହିଥିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବବିରୋଧୀ ସରକାର। ଦରଦାମଠାରୁ ଆରମ୍ଭ କରି ସ୍ଥାୟିତ୍ୱ ପର୍ଯ୍ୟନ୍ତ ସବୁଥିରେ ବିଫଳ। କଂଗ୍ରେସ କାଲି ମଧ୍ୟ ଗରିବ, ଦଳିତ ଓ ଅସହାୟଙ୍କ ସହ ଥିଲା ଆଗକୁ ମଧ୍ୟ ଅନ୍ୟାୟ ବିରୋଧରେ ପ୍ରଭାବିତଙ୍କ ସାଙ୍ଗରେ ଠିଆହେବ। ସେହିପରି ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଉପସଭାପତି ଶିବାନନ୍ଦ ରାୟ ବସ୍ତିବାସିନ୍ଦାଙ୍କୁ ଆଶ୍ୱାସନା ଦେଇ କହିଥିଲେ ପୋଲିସ, ପ୍ରଶାସନ କିମ୍ବା ସରକାର ବେଆଇନ ଭାବେ ବସ୍ତି ଉଚ୍ଛେଦ କରିପାରିବେ ନାହିଁ। ଯଦି ସେପରି କିଛି ପରିସ୍ଥିତି ଉପୁଜେ ତେବେ କଂଗ୍ରେସ ଦଳ ଆଗରେ ଠିଆହେବ। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବିଶ୍ୱଜିତ ଦାଶ ପରିଶେଷରେ କହିଥିଲେ ଯଦି ବସ୍ତିବାସିନ୍ଦାଙ୍କୁ ନ୍ୟାୟ ନମିଳେ ତେବେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କୋର୍ଟର ଆଶ୍ରୟ ନେବା ସହ ଆନ୍ଦୋଳନକୁ ଓହ୍ଲାଇବ। ଏହି ଧାରଣା ସଭାକୁ ବସ୍ତି ସଭାପତି ଶ୍ରୀ ପୁଷ୍କର ସୁବୁଦ୍ଧି ପରିଚାଳନା କରିଥିଲେ। ଆଜିର ଏହି ଧାରଣା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ, ପିସିସି ସଂପାଦକ ସୁବ୍ରତ ମହାପାତ୍ର, ଜ୍ଞାନଦେବ ବେଉରା, ରଶ୍ମି ମହାପାତ୍ର, ସେକ ତାକୱିମ, ଆଶିଷ ମଲ୍ଲିକ, ବ୍ଲକ ସଭାପତି ସେକ ଆପତାବ ଅଲ୍ଲି, ଅଶୋକ ଦାସ, ଶ୍ରୀଧର ବଳିଆର ସିଂ, ପ୍ରଦୀପ ମହାପାତ୍ର, ଦୀପକ ମହାପାତ୍ର, ଇନ୍ଦ୍ରଜିତ ରାଉତ, ଗୋବିନ୍ଦ ସାହୁ, କୁସୁମ ପ୍ରଧାନ, ରୀନା ସାହୁ, ରବିନ୍ଦ୍ର ନାୟକ, ବିଚିତ୍ର ପାତ୍ର, ବିକ୍ରମ ସୁନ୍ଦରରାୟ, ନିଆଜୁଲ ଇସ୍‌ଲାମ, ଦେବାଶିଷ ଦାସ, ଶିବନ ମୁସରଫ, ସାଗର ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କାଶିଆ ମାଇନ୍ସ କାର୍ଯ୍ୟ ଆରମ୍ଭରେ ବିଳମ୍ବ, ସରକାରଙ୍କ ପ୍ରତିଦିନ ୧୫କୋଟି କ୍ଷତି ଜୀବୀକା ହରାଉଛନ୍ତି ସ୍ଥାନୀୟ ଜନତା

କେନ୍ଦୁଝର,(ପି.ଏନ):ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଖଣି ନିଲାମରେ ଜିନ୍ଦଲ ଷ୍ଟିଲ ପାୱାର (ଜେଏସ୍‌ପିଏଲ) ୧୧୮ ପ୍ରତିଶତ ପ୍ରିମିୟମରେ କେନ୍ଦୁଝରସ୍ଥିତ କାଶିଆ ଆଇରନ୍ ଆଣ୍ଡ ଡୋଲୋମାଇଟ ବ୍ଲକ ପାଇଛି । ଆବଶ୍ୟକ ଟିକସ ଏବଂ ଷ୍ଟାମ୍ପ୍ ଡ୍ୟୁଟିର ଜମା କରିବା ଏହି ବ୍ଲକ ଲାଗି ଖଣି ଲିଜ୍ ଡିଡ୍ ଗତ ନଭେମ୍ବରରେ ରାଜ୍ୟ ସରକାରଙ୍କ ନିକଟରେ କାର୍ଯ୍ୟକାରୀ କରାଯାଇଥିଲା । ଯଦିଓ ଏହା ଏକ କାର୍ଯ୍ୟକ୍ଷମ ଖଣି ଥିଲା କିଛି ହାତଗଣତି ବ୍ୟକ୍ତିଙ୍କ ଦବ୍‌ଦବା ଅବରୋଧ ଯୋଗୁଁ ଜେଏସ୍‌ପିଏଲ ଏହି ଖଣିର ପୁନଃ ଆରମ୍ଭ କରିବାରେ ସମର୍ଥ ହୋଇପାରୁ ନାହିଁ । ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ନଭେମ୍ବର ୨୩ତାରିଖ ପରଠାରୁ ବେଆଇନ୍ ଭାବେ ଖଣି ପ୍ରେବଶ ପଥକୁ ଅବରୋଧ କରି ରଖିଛନ୍ତି ଏବଂ ଜେଏସ୍‌ପିଏଲର କୌଣସି ବ୍ୟକ୍ତି କିମ୍ବା ଯନ୍ତ୍ରପାତିକୁ ଖଣି ଅଂଚଳରେ ପ୍ରବେଶ କରିବାକୁ ଦେଉନାହାଁନ୍ତି । ଏହି ଅବରୋଧ ଯୋଗୁଁ ଜେଏସ୍‌ପିଏଲ ଖଣି କାର୍ଯ୍ୟ ଆରମ୍ଭ କରି ପାରୁନାହିଁ । ଖଣି ଚାଲୁ ହୋଇ ପାରୁନଥିବାରୁ ସରକାରଙ୍କ ପ୍ରତିଦିନ ୧୫କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ଗତ ୨୦ଦିନ ଧରି ଖଣି ବନ୍ଦ ରହିବାରୁ ସରକାର ପ୍ରାୟ ୩୦୦କୋଟି ଟଙ୍କା ହରାଇ ସାରିଲେଣି । କମ୍ପାନୀ ଏହି ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନକୁ ଜଣାଇ ସାରିଛି ଏବଂ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ସମସ୍ତ ପ୍ରୟାସ କରି ଆସୁଛି । ଅବରୋଧ ସ୍ଥାନାରେ ଜିଲ୍ଲା ପ୍ରଶାସନର ଉପସ୍ଥିତିରେ ସ୍ଥାନୀୟ ଜନସାଧାରଣ ଏବଂ କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ତଥାପି କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ସ୍ଥାନୀୟ ଲୋକଙ୍କୁ ଅବରୋଧ ଜାରି ରଖିବାକୁ ଉତ୍ସାହିତ କରିବା ସହିତ ଜେଏସ୍‌ପିଏଲକୁ ଖଣି କାର୍ଯ୍ୟ ଆରମ୍ଭ କରିବାକୁ ଦେଉନାହାଁନ୍ତି । ପୂର୍ବର କାଶିଆ ଆଇରନ୍ ଆଣ୍ଡ ଡୋଲୋମାଇଟ୍ ଖଣି ୨୦୧୨ରୁ ୨୦୧୯ ପର୍ଯ୍ୟନ୍ତ ବନ୍ଦ ଥିଲା । ବହୁଦିନ ପରେ ଅକ୍ଟୋବର ୨୦୧୯ରୁ ମାର୍ଚ୍ଚ ୨୦୨୧ ଖଣି ଲିଜ୍ ସମାପ୍ତ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା । ଗତ ଖଣି ନିଲାମରେ ଏହା ଜେଏସ୍‌ପିଏଲ ଆବଣ୍ଟନ କରାଯିବା ପରେ ସ୍ଥାନୀୟ ଲୋକ ଖଣିର ପୁନଃ ଆରମ୍ଭ ସହିତ ଜୀବିକା ଅର୍ଜନ କରିବାକୁ ଆଶା କରୁଥିଲେ । କିନ୍ତୁ ଅଳ୍ପ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ବେଆଇନ୍ ଅବରୋଧ ଯୋଗୁଁ ସେମାନେ ନିରାଶ ହୋଇ ପଡିଛନ୍ତି ।

## ବଡ଼ଚଣା-ଦର୍ପଣ ପୂର୍ତ୍ତ ବିଭାଗ ରାସ୍ତା ମରାମତି କାର୍ଯ୍ୟ ଅତିନିମ୍ନ ମାନର

ଚଣ୍ଡିଖୋଲ, (ପିଏନ): ଚଣ୍ଡିଖୋଲର ପ୍ରସିଦ୍ଧ ଶକ୍ତିପୀଠ ମା ଚଣ୍ଡୀପୀଠକୁ ସଂଯୋଗ କରୁଥିବା ବଡ଼ଚଣା – ଦର୍ପଣ ପୂର୍ତ୍ତ ବିଭାଗ ରାସ୍ତାର ମରାମତି କାର୍ଯ୍ୟ ଅତିନିମ୍ନ ମାନର ବୋଲି ସାଧାରଣରେ ଅଭିଯୋଗ ହେଉଅଛି. ଘଟଣାରୁ ପ୍ରକାଶଯେ ବଡ଼ଚଣା – ଦର୍ପଣ ପୂର୍ତ୍ତ ବିଭାଗରାସ୍ତାର ଚଣ୍ଡୀମନ୍ଦିର ଛକରେ ୨ ବର୍ଷତଳେ ରାସ୍ତାକୁ ଉଚ୍ଚକରାଯାଇ ୨୦୦ ମିଟର କଂକ୍ରିଟ କରାଯାଇଥିଲା । ଏହି କଂକ୍ରିଟ ରାସ୍ତାର କିଛି ଭାଗରେ କଂକ୍ରିଟ ରାସ୍ତାରେ ଆଂଶିକ ଖାଲ ସୃଷ୍ଟିହେବାଫଳରେ ବିଭାଗ ପକ୍ଷରୁ ଏହାର ମରାମତି କରିବାପାଇଁ ୨ ଲକ୍ଷଟଙ୍କା ଅନୁମୋଦିତ କରାଯାଇଥିଲା । ମରାମତି କରୁଥିବା ଠିକାଦାର କଂକ୍ରିଟ ଭାଗ କମକରି ବାଲି ସିମେଣ୍ଟ ଭାଗ ଅଧିକା କରିବାଫଳରେ ରାସ୍ତାର ସ୍ଥାୟୀତ୍ୱ କିଛିଦିନ ପରେ ପୂର୍ବପରି ହେଇଯିବ ବୋଲି ସାଧାରଣରେ ଅଭିଯୋଗ ହେଉଛି.ଏହି ରାସ୍ତାଦେଇ ପ୍ରସିଦ୍ଧ ଶୈବପୀଠ ମହାବିନାୟକ ଓ ପଡୋଶୀ ଢେଙ୍କାନାଳକୁ ଶତାଧିକ ଲୋକ ପ୍ରତିଦିନ ଯାତାୟାତ କରିଥାନ୍ତି ।

## ମହୁଚାଷ ପ୍ରଶିକ୍ଷର ଶିବିର

ବାଙ୍କୀ,(ପି.ଏନ): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭରରେଞ୍ଜର ସଂସ୍ଥା ପକ୍ଷରୁ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଆଜି ଠୁଁ ୩ଦିନ ଧରି ମହୁଚାଷ କିଭଳି ଅଧିକ ଭାବରେ ସଂଗୃହିତ କରାଯାଇ ପାରିବ ସେହି ପରିପ୍ରେକ୍ଷୀରେ ଏକ ପ୍ରଶିକ୍ଷଣ ଶିବିର ବାଙ୍କୀ କଲେଜର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । କଲେଜର ଅଧ୍ୟକ୍ଷ ଡଃ.ଅରୁଣ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୁଚାଷ ଦ୍ୱାରା କଲେଜର ଛାତ୍ରଛାତ୍ରୀମାନେ ନିଜର ପାଠ ପଢ଼ିବା ସହ ନିଜେ କିଭଳି ସ୍ୱାବଲମ୍ବି ହୋଇ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ସେ ସଂପର୍କରେ ଉପସ୍ଥିତ କଲେଜର ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ପ୍ରଶିକ୍ଷକ ଭାବେ ମହୁଚାଷୀ ବିଶେଷଜ୍ଞ ବାଳକୃଷ୍ଣ କର ମହୁଚାଷ ପ୍ରଣାଳୀ ଓ ଏହାର ଉପକାରିତା ସଂପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷିତ କରାଇଥିଲେ । ଏହି ପ୍ରଶିକ୍ଷଣ ଶିବିର ୩ଦିନ ଧରି ଚାଲୁ ରହିବ ବୋଲି ରୋଭର ରେଞ୍ଜର ଲିଡର ଭୂପତି ଭୂଷଣ ପ୍ରଧାନ ସୂଚନା ଦେଇଥିଲେ । ଏଥିରେ କଲେଜର ଉପାଧ୍ୟକ୍ଷ ମନୋଜ ମହାପାତ୍ର, ଯୁକ୍ତ ଦୁଇ ଅଧ୍ୟକ୍ଷ ରାଜକିଶୋର ପାଲ, ପ୍ରାଣି ବିଭାଗର ଅଧ୍ୟାପକ ଡଃ.ଶିଶିଭୂଷଣ ମହାପାତ୍ର ,ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଦେଓ ପ୍ରମୁଖ ଉପସ୍ଥିତ ଥିବା ବେଳେ ରୋଭର ରେଞ୍ଜର ଲିଡରର ଅଧ୍ୟାପିକା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବର୍ଷାପରେ ଚାଷୀକୂଳ ହତାସ

ବାଙ୍କୀ,(ପି.ଏନ): ଗତ ବାତ୍ୟା ଜୱାଦରେ ବାଙ୍କୀ ଅଞ୍ଚଳର ଅନେକ ଚାଷୀ ସମ୍ପୂର୍ଣ୍ଣ ଭାବେ ହତାସ ହୋଇଥିବା ବେଳେ ଅମଳ ହେବାକୁ ଥିବା ଧାନ ବିଶେଷ କରି ଫୁଲ ଧରିଥିବା ବିରି , ନୂଆ କରି ଲାଗିଥିବା ଶୀତଦିନିଆ ଫସଲ ଭାବେ କୋବି, ଟୋମାଟ,ବାଇଗଣ, ବିନ୍ , କଲରା, କାକୁଡି ଆଦି ପନିପରିବା ଫସଲଗୁଡିକ ସମ୍ପୂର୍ଣ୍ଣ ଭାବରେ ବାତ୍ୟା ଓ ତା'ପରର ଲଗାଣ ବର୍ଷରେ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଯାଇଥିବା ଜଣାପଡିଛି ବାଙ୍କୀର ଶିମିଳିପୁର, ହରିରାଜପୁର, କୁଶୁପଙ୍ଗି , ପାଥପୁର, କଇଁମୁଣ୍ଡି, ବିଲିପଡା, ଡଁସରର ଶହଶହ ଚାଷୀଙ୍କର ଏକର ଏକର ଚାଷଜମି ବର୍ଷା ପ୍ରଭାବରେ ପଚିଷଡ଼ି ନଷ୍ଟ ହୋଇଯାଇଥିବା ଚାଷୀମାନେ ପ୍ରକାଶ କରିଥିଲେ । ଦୀର୍ଘ ଦୁଇ ବର୍ଷ ଧରି କରୋନା କରାଳ ରୂପରେ ଚାଷୀମାନେ ନିଜର ଉତ୍ପାଦିତ ଫସଲକୁ ବାହାରସ୍ଥାନକୁ ନବାରେ ଅସୁବିଧା ହେଉଥିବା ବେଳେ ବର୍ତ୍ତମାନ ବାତ୍ୟା ଓ ବର୍ଷାର ପ୍ରହାରରେ ଚାଷୀମାନେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି । ବାତ୍ୟା ପରେ ସରକାରଙ୍କ ତରଫରୁ କ୍ଷୟକ୍ଷତିର ଆକଳନ କରାଯାଇଥିବା ବେଳେ ଚାଷୀମାନେ ବର୍ତ୍ତମାନ ସୁଧା ଚାଷୀମାନେ ସରକାରୀ ସହାୟତାରୁ ପାଇବା ପାଇଁ ଆଶାଅଶଙ୍କା ଭିତରେ ଅପେକ୍ଷା କରିଛନ୍ତି । କୃଷି ବିଭାଗ ତରଫରୁ ଲୋକଦେଖାଣିଆ ଭାବେ ଲଗାଣ ବର୍ଷାଜନିତ କ୍ଷୟକ୍ଷତିର ଆକଳନ କରାଯାଇଥିବା ବେଳେ ଚାଷୀମାନେ ଏଥିରୁ ବାଦ ପଡିଥିବା ଜଣାପଡିଛି । ବର୍ତ୍ତମାନ ପରିସ୍ଥିତିରେ ବିହନର ଅଭାବ ଓ ଫସଲ ଗୁଡିକ କ୍ଷତିଗ୍ରସ୍ତ ହେଉଥିବାରୁ ଚାଷୀମାନେ ଚାଷ କାର୍ଯ୍ୟରୁ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି ।

## ରୁପାବାଲି ଖେଳ ପଡ଼ିଆର ଉନ୍ନତିକରଣ ପାଇଁ ପଡ଼ିଲା ଭିତ୍ତିପ୍ରସ୍ତର

ବାଲେଶ୍ୱର ,(ପି.ଏନ):ରେମୁଣା ବ୍ଲକ ଅନ୍ତର୍ଗତ ବରୁଣସିଂ ଗ୍ରାମପଞ୍ଚାୟତର ରୁପବାଲି ଖେଳ ପଡ଼ିଆର ଉନ୍ନତିକରଣ ଲାଗି ଆଜି ରାଜ୍ୟ କ୍ରୀଡ଼ା ଓ ଯୁବସେବା ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଆଜି ମନ୍ତ୍ରୀ ବାଲେଶ୍ୱର ଜିଲ୍ଲା ଗସ୍ତରେ ଆଜି ବରୁଣସିଂ ଗ୍ରାମପଞ୍ଚାୟତ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଡ଼ିଆର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପଡ଼ିଆର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ୪୦ ଲକ୍ଷ ଟଙ୍କା ଅନୁମୋଦନ କରିଥିବା ସେ କହିଥିଲେ । ସେହିପରି ଆଜିର ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିବା ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ଜନତାଙ୍କୁ ଉଦବୋଦନ ଦେବା ସହ ଏହି ଖେଳ ପଡ଼ିଆର ଉନ୍ନତି ପାଇଁ ନିଜ ବଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ । ରୁପାବାଲି ଖେଳ ପଡ଼ିଆର ଉନ୍ନତି କରଣ ପାଇଁ କ୍ରୀଡ଼ା ମନ୍ତ୍ରୀ ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ଘୋଷଣା ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି ।

## 'ଅନନ୍ୟ ଅଶ୍ୱିନୀ' ସ୍ମରଣିକା ଉନ୍ମୋଚନ ଓ ଶ୍ରଦ୍ଧାଞ୍ଜଳି ସଭା



ଚଣ୍ଡିଖୋଲ, (ପି.ଏନ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଅରଖପୁର ପଂଚାୟତର ପ୍ରାକ୍ତନ ସରପଂଚ ତଥା ବରିଷ୍ଠ ସମାଜସେବୀ ଦିବଂଗତ ଅଶ୍ୱିନୀ କୁମାର ସ୍ୱାଇଁଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂଜ୍ୟପୂଜା ପରିଷଦ ତରଫରୁ ବରିଷ୍ଠ ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ସ୍ୱାସ୍ଥ୍ୟମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ସାମଲ, ଅବସରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ କୁମାର ନାୟକ, ଶିକ୍ଷାବିତ୍ ରମେଶ ଚନ୍ଦ୍ର ସାମଲ, ଡଃ. ଭାଗ୍ୟଧର ସାହୁ, ପ୍ରାଧ୍ୟାପକ ଅଲେଖଚନ୍ଦ୍ର ସାମଲ, ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳ, ବରିଷ୍ଠ ଶିକ୍ଷକ ନେତା ପ୍ରହଲ୍ଲାଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଜିଲା ପୂଜ୍ୟପୂଜା ପକ୍ଷରୁ "ଅନନ୍ୟ ଅଶ୍ୱିନୀ" ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ସ୍ୱର୍ଗତ ଅଶ୍ୱିନୀ ସାର୍ ସରପଂଚ ଭାବେ ଏହି ପଂଚାୟତର କାର୍ଯ୍ୟ କରିବା ସହିତ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କର ମଣିଷ ପଣିଆ ତାଙ୍କୁ ମୃତ୍ୟୁଞ୍ଜୟୀ, କାଳଜୟୀ ତଥା ଚିରଞ୍ଜିବୀ କରି ରଖିବ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଭାଗ୍ୟଧର ମହାନ୍ତି, ଉମାକାନ୍ତ ପୃଷ୍ଟି, ପ୍ରହଲ୍ଲାଦ ଚନ୍ଦ୍ର ଧଳ, ଅଧ୍ୟାପକ ବ୍ରଜ କିଶୋର ସ୍ୱାଇଁ, ଅଧ୍ୟାପକ ପ୍ରଦୀପ କୁମାର ବରାଳ, ତରୁଣ କୁମାର ମହାନ୍ତି, ଭଗବାନ ପଣ୍ଡା, ପୂର୍ଣ୍ଣାନନ୍ଦ ସେଠୀ, ଈଶ୍ୱର ଚନ୍ଦ୍ର ସାମଲ, ବିଘ୍ନରାଜ ସାମଲ, ପ୍ରଦୀପ କୁମାର ଧଳ, ରବିନ୍ଦ୍ର ସାମଲ, ପ୍ରଦୀପ ପ୍ରଧାନ, ବୀରବୀର ପ୍ରଧାନ ପ୍ରମୁଖ ଦିବଂଗତ ଅଶ୍ୱିନୀ କୁମାର ସ୍ୱାଇଁଙ୍କ ବହୁମୁଖୀ ପ୍ରତିଭାର ଯଶଗାନ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶେଷରେ ଅଜିତ୍ କୁମାର ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

## ବିନା ସୂଚନା ଫଳକରେ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ

ନୂଆପଡା, (ପିଏନ)– ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସଦର ପ ।ୟତ ଜଗନ୍ନାଥ ଛକ ନିକଟ ଘୋଡାପଡା ଗଳି ରାସ୍ତା କଂକ୍ରିଟ କରଣ କାର୍ଯ୍ୟ ବିନା ସୂଚନା ଫଳକରେ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ ଜନସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଲେ, କାର୍ଯ୍ୟସ୍ଥଳରେ ଏକ ସୂଚନା ଫଳକ ଦେବାର ସରକାରୀ ବ୍ୟବସ୍ଥା ରହିଅଛି । ଉକ୍ତ ଫଳକରେ ସେହି କାର୍ଯ୍ୟ ସମ୍ବନ୍ଧୀୟ ସବିଶେଷ ବିବରଣୀ ରହିବା କଥା । କିନ୍ତୁ ଏଠାରେ ବିଭାଗୀୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ଅବହେଳା ତଥା ମନମୁଖି କାର୍ଯ୍ୟ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ । ଯାହାଫଳରେ ଜନସାଧାରଣ କାର୍ଯ୍ୟ ସମ୍ବନ୍ଧୀୟ କୌଣଷି ସୂଚନା ଜାଣିପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ କେତେ, କେତେ ଦୂରତା ପର୍ଯ୍ୟନ୍ତ ନିର୍ମାଣ ହେବ, ତାହା ଜାଣି ପାରୁ ନାହାନ୍ତି । କେଉଁ ଉଦ୍ଦେଶ୍ୟରେ ଏଭଳି ସରକାରୀ ବ୍ୟବସ୍ଥାକୁ ଅବମାନନା କରାଯାଉଛି, ସେନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ଠିକାଦାର ପୋଷାନୀତିରେ ଚାଲିଛି ବୋଲି ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବା ନେଇ ପଡାବାସୀ ଅଭିଯୋଗ କରିବାରୁ ସଂପୃକ୍ତ ଠିକାଦାର ପଡାବାସୀଙ୍କ ଉପରେ ଅସନ୍ତୋଷ ଥିବା ସେମାନେ ପ୍ରକାଶ କରନ୍ତି । ଏ ନେଇ ପଡାବାସୀ ସିନାପାଲି ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିବା ସହ ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଉଦ୍ଧବ ମେହେର, କ୍ଷମାନିଧି ମେହେର, ଲିଙ୍ଗରାଜ ମେହେର, ସୂର୍ଯ୍ୟକାନ୍ତୀ ମେହେର, ନିର ମେହେର, ବାସନ୍ତୀ ମେହେର, ପରମେଶ୍ୱର ମେହେର, ସନ୍ତୋଷ ମେହେର, ରଞ୍ଜନ ମେହେର, ନିରାଶ ମେହେର, ବିଳାଶ ମେହେର, ଭୋକରଧନ ମେହେର ପ୍ରମୁଖ ଦାବି କରିଛନ୍ତି । ଏସଂକ୍ରାନ୍ତରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ହୋଇଛି, ତାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada


# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ । ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Saturday December 18, 2021 ଭୁବନେଶ୍ୱର ଶନିବାର, ଡିସେମ୍ବର ୧୮,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଖୋର୍ଦ୍ଧାରେ କର୍ମ ତତ୍ପର ଅଭିଯାନ (ମୁକ୍ତା) କାର୍ଯ୍ୟକ୍ରମ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାର ନୂତନ ଭାବେ ନିର୍ମିତଜୟି ରାଜଗୁରୁ ଟାଉନ ହଲ ଠାରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଖୋର୍ଦ୍ଧା ପୌରପରିଷଦକୁ ୭ ଟି ମିନିପାର୍କ,୬ଟିମୁକ୍ତାକାଶ ଜିମ,ବିଭିନ୍ନ ୫ ଟି ପାର୍କରେ ପିଲାଙ୍କ ଖେଳଣା,୪ଟି ଖେଳପଡିଅର ଉନ୍ନତି,୬ ଟି ପରିସ୍ରାଗାର,୪ଟି ସ୍ଥାନରେ ଭେଡିଙ୍ଗ ଜୋନ,୧ଟି ପେଭର ପାଦଚଲା ଓ ୨୧ ଗୋଟି ମିଶନ ଶକ୍ତି ଗୃହ ନିର୍ମାଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯିବାକୁ ୩୭୬ .୧୫ ଲକ୍ଷ ଅନୁମୋଦନ ହୋଇଛି । ଏହି ପରିପ୍ରେକ୍ଷୀରେ ନବୀକରଣ ହୋଇଥିବା ଜୟୀ ରାଜଗୁରୁ ଟାଉନ ହଲ ଠାରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟଙ୍କ ସମେତ ସହରାଂଚଳ ଉନ୍ନୟନ ସଂସ୍ଥା ଓ ଖୋର୍ଦ୍ଧା ଉପ ଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ୪୮ ଟି ମହିଳା ଗୋଷ୍ଠୀ ଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇନିର୍ଦ୍ଧାରିତ ସମୟରେ ସାରିବାକୁ ପରାମର୍ଶ ଦିଆଯାଇଛି । ଏଥିରେ ପୌର ପରିଷଦର ସମସ୍ତ କର୍ମଚାରୀ ସହେଯାଗ କରିଥିଲେ ।




## ସ୍ମାର୍ଟ ହେଲଥ କାର୍ଡ ବଂଟନ

ଖୋର୍ଦ୍ଧା, (ପିଏନ)- ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ପଂଚାୟତ କାର୍ଯ୍ୟାଳୟ ପରିସରରେ ସ୍ମାର୍ଟ ହେଲଥ କାର୍ଡ ବଂଟନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୨ ଶହ ଜଣଙ୍କୁ ସ୍ମାର୍ଟ ହେଲଥ କାର୍ଡ ବଂଟନ କରିଥିଲେ । ଏଥିରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଜାନକୀ ସ୍ୱାଇଁ,ସରପଂଚ ପ୍ରଶାନ୍ତ କୁମାର ବେହେରା ଓ ବେଗୁନିଆ ମଣ୍ଡଳ ଉନ୍ନୟନଅଧିକାରୀ ଲକ୍ଷ୍ମୀଧର ସାହୁ ଅତିଥି ଭାବେ ଅଂଶ ଗ୍ରହଣ କରିଥିଲେ ।ଶେଷରେ ଶିକ୍ଷୟିତ୍ରୀ ପ୍ରତିମା ପାଣିଗ୍ରାହୀ ହେଲଥ କାର୍ଡ ଉପରେ ସଚେତନତାଧର୍ମୀ କବିତା ପାଠ କରିଥିଲେ ।

## ପତନୀବରରେ ରେନବୋ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ,ଭାଲିଆବାଡି ବିଜୟୀ



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ସାରୁଅ ପଂଚାୟତ ଅନ୍ତର୍ଗତ ପତନୀବର ଗ୍ରାମରେ ୨୮ ତମ ରେନବୋ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି । ଏ ନେଇ ଆଜିର ମ୍ୟାଚରେ ତମାଣ୍ଡୋ କ୍ରିକେଟ କ୍ଲବ ଓ ଭାଲିଆବାଡି କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ପ୍ରଥମେ ଭାଲିଆ ବାଡି କ୍ରିକେଟ କ୍ଲବ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୩୩ ରନ ସଂଗ୍ରହ କରିଥିଲା । ତାର ପ୍ରତି ଜବାବରେ ବିଜୟ ଲକ୍ଷ୍ୟରେ ତମାଣ୍ଡୋ କ୍ରିକେଟ କ୍ଲବ ସମସ୍ତ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା ।ଏହି ଉଦଘାଟନୀ ମ୍ୟାଚରେ ସ୍ଥାନୀୟ ସରପଂଚ ସୁଦର୍ଶନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଖେଳକୁ ଭାଗିରଥି ବେହେରା ଓ ବିନୟ କୁମାର ପାଇକରାୟ ପରିଚାଳନା କରିଥିଲେ।

## ବିଭିନ୍ନ ପ□ାୟତରେ ହେଲଥ୍ କାର୍ଡ ବ□ନ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ୧୫ ନଂ ଜୋନର ପଟୁଣିଆ, ଅରେଇକଣା, କଦମପାଳ, ଅରାବଳ, ମଙ୍ଗଳପୁର, ଦେଓଦା, ଉ□ରପ୍ରତାପ, କୋଟପୁର ଏବଂ ୧୪ନଂ ଜୋନର ମିର୍ଜାପୁର ଗ୍ରାମ ପ□ାୟତର ଆଜି ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବ□ନ କରାଯାଇଛି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସ୍ମାର୍ଟ ହେଲଥ କାର୍ଡ ବଂଟନ କରିଥିଲେ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଗୁଡିକରେ ଧର୍ମଶାଳା ବିଡିଓ ଅରବିନ୍ଦ ବେହେରା, ଏବିଡିଓ ଅସିତ ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ୧୫ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୯ଗୋଟି ପ□ାୟତର ସଂରପ□, ସମିତି ସଭ୍ୟ, ସଭ୍ୟା ଏବଂ ଡିଲରମାନେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ସହାୟତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସମିତି ସଭ୍ୟ ଜଳଧର ମହାନ୍ତି, ୧୩ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ନିରନ ରାଉତ, ଜୋନ ସଂଯୋଜକ ଅମରେନ୍ଦ୍ର ରାୟ, ବିଧାୟକ ପ୍ରତିନିଧି ନିର୍ମଳ ପ୍ରଧାନ, ୧୪ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ସାଗର ନାୟକ, ଉ□ରପ୍ରତାପ ସରପ□ ଜଳଧର ସାହୁ, ଯୁବ ସଂଗଠକ ମଦନ ମୋହନ ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ମଙ୍ଗଳପୁର ପଂଚାୟତର ନୂତନ କାର୍ଯ୍ୟାଳୟ, କଲ୍ୟାଣ ମଣ୍ଡପ ଓ ମିଶନ ଶକ୍ତି ଗୃହକୁ ବିଧାୟକ ଶ୍ରୀ ବଳବନ୍ତରାୟ ଉଦଘାଟନ କରିଥିଲେ ।

## ଦ୍ୱିତୀୟ ଦିନରେ ଜବତ ଡିଟୋନେଟରକୁ ନଷ୍ଟ କଲା ପୁଲିସ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ସାତମାଣ ଅଂଚଳରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀ ଗୁଡିକୁ ପୋଲିସ ପକ୍ଷରୁ ନଷ୍ଟ କରାଯିବା ପକ୍ରୀୟା ଜାରି ରହିଛି । ଦ୍ୱିତୀୟ ଦିନରେ ଆଜି ୪ହଜାର ୬ଶହ ଡିଟୋନେଟରକୁ ନଷ୍ଟ କରାଯାଇଥିବା ଜଣାପଡିଛି । ସୂଚନା ଯୋଗ୍ୟ ଯେ ଗତ କିଛି ମାସ ତଳେ ଯାଜପୁର ଏସପି ରାହୁଲ ପିଆରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍କାଡ ଓ ଜେନାପୁର ପୋଲିସ ମିଳିତ ଭାବେ ସାତମାଣସ୍ଥିତ ଏକ ବିସ୍ଫୋରକ ଗୋଦାମରେ ଚଢାଉ କରାଯାଇ ବ୍ୟାପକ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା । ଜବତ ବିସ୍ଫୋରକ ସାମଗ୍ରୀକୁ ନଷ୍ଟ କରିବା ପାଇଁ ଜେନାପୁର ଥାନା ଅଧିକାରୀ ଭୁବନେଶ୍ୱରସ୍ଥିତ ଡେପୁଟି କଂଟ୍ରୋଲର ଅଫ ଏକ୍ସପ୍ଲୋସିଭ୍‌କୁ ଚିଠି କରିଥିଲେ । ଚିଠି ପାଇବା ପରେ ଗତକାଲି ଡେପୁଟି କଂଟ୍ରୋଲର ଅଫ ଏକ୍ସପ୍ଲୋସିଭ୍‌ର ଦୁଇ ଜଣିଆ ଟିମ ଘଟଣାସ୍ଥଳରେ ପହଂଚି ବିସ୍ଫୋରକ ସାମଗ୍ରୀକୁ ନଷ୍ଟ କରିବା ପ୍ରକ୍ରୀୟା ଆରମ୍ଭ କରିଥିଲେ । ଆଜି ଦ୍ୱିତୀୟ ଦିନରେ ବିଛାଖଣ୍ଡିସ୍ଥିତ ହନୁଆ ଅଂଚଳରେ ଜବତ ସାମଗ୍ରୀକୁ ନଷ୍ଟ କରାଯାଇଥିଲା । ଆସନ୍ତାକାଲି ମଧ୍ୟ ଏହି ସ୍ଥାନରେ ବାକି ଥିବା ବିସ୍ଫୋରକ ଗୁଡିକୁ ନଷ୍ଟ କରାଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଅଗ୍ନି-ପ୍ରାଇମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର,(ପି.ଏନ): 'ଅଗ୍ନି' ପ୍ରାଇମ କ୍ଷେପଣାସ୍ତ୍ରର ବିକଶିତ ସଂସ୍କରଣର ସଫଳ ପରୀକ୍ଷଣ ହୋଇଯାଇଛି । ଶନିବାର ବାଲେଶ୍ୱର ଚାନ୍ଦିପୁର ସ୍ଥିତ ପ୍ରତିକ୍ଷଣ ବିଭାଗ ଆଇଟିଆର ଅଧିନସ୍ତ ଧାମରା ଅବ୍ଦୁଲ୍ କଲାମ ଦ୍ୱୀପର ୪ ନମ୍ବର ଉତ୍‌କ୍ଷେପଣ କେନ୍ଦ୍ରରୁ ପୂର୍ବାହ୍ନ ୧୧ ଘଟିକାରେ ଏହି ପରିକ୍ଷଣ ହୋଇଥିଲା । ଦୁଇ ସ୍ତର ଇଞ୍ଜିନ୍ ବିଶିଷ୍ଟ ଏହି କ୍ଷପଣାସ୍ତ୍ରର ଲକ୍ଷ ଭେଦ କ୍ଷମତା ୧୦୦୦ ରୁ ୨୦୦୦ କିଲୋମିଟର ରହିଛି । ଏହି ପରିକ୍ଷଣ ସମୟରେ ପରମାଣୁ ସକ୍ଷମ ରଣ ନୀତିକ କ୍ଷପଣାସ୍ତ୍ର ଅଗ୍ନି-ପ୍ରାଇମରେ ଅନେକ ନୂଆ ବୈଶିଷ୍ଟ୍ୟ ଯୋଗ କରାଯାଇଛି । ପରିକ୍ଷଣ ସମୟରେ ଡିଆରଡି.ଓ ର ସମସ୍ତ ବଜ୍ଞାନିକ ଓ ଅଧିକାରୀ ଉପସ୍ଥିତ ଥିଲେ ।

## ୨୨ ନମ୍ବର ଜୋନରେ ବିଜେପିର ବନ୍ଧୁ ମିଳନ

ଖୋର୍ଦ୍ଧା,(ପିଏନ)-ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନ ମଣ୍ଡଳୀର ୨୨ ନମ୍ବର ଜିଲ୍ଲା ପରିଷଦ ଜୋନର ସିମୋର ପଂଚାୟତର ପୂର୍ବତନ ସମିତି ସଭ୍ୟ ଅଜୟ କୁମାର ମାର୍ଥାଙ୍କ ଆବାହକତ୍ୱରେ ସିମୋର ପଂଚାୟତର କଂଟାମଳିମ ଗ୍ରାମର ମା ବାଉତୀ ମନ୍ଦିର ପରିସରରରେ ବିଜେପିର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ୭ ଗୋଟି ପଂଚାୟତର ପୁରାତନ କାର୍ଯ୍ୟକର୍ତ୍ତା ଯୋଗ ଦେଇ ଜିଲ୍ଲା ପରିଷଦ,ସରପଂଚ ,ସମିତି ସଭ୍ୟ ଓ ଓ୍ୱାର୍ଡମେମ୍ବର ଯୋଗ୍ୟ ପ୍ରାର୍ଥୀ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ୧୫ ଦିନ ମଧ୍ୟରେ ସ୍ଥିର କରାଯିବ ।ଏପରିକି ଶ୍ରୀ ମାର୍ଥାଙ୍କୁ ୨୨ ନମ୍ବର ଜୋନରେ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ଚୟନ କରିବା ପାଇଁ ୨ ଶହରୁ ଉର୍ଦ୍ଧ ଲୋକ ବିଜେପି ରାଜ୍ୟ ସଭାପତିଙ୍କ ନିକଟରେ ଦାବୀ ଜଣାଇବେ ବୋଲି ନିଷ୍ପତି ଦେଇଥିଲେ । ଏଥିରେ ପ୍ରମୋଦ କୁମାର ପଣ୍ଡା,ପ୍ରଫୁଲ୍ଲ କୁମାର ପଣ୍ଡା,ବିଜୟାନନ୍ଦ ଷଡଙ୍ଗୀ,ମୂରଲୀଧର ପାଣିଗ୍ରାହୀ,ବରିଷ୍ଠ ଉପଦେଷ୍ଟା ସୁମିତ୍ରା ବାହିନିପତି,ଚନ୍ଦ୍ରଭାନୁ ମହାରଥା,ମନୋରଞ୍ଜନ ସାହୁ ଓ ସୌମ୍ୟ ରଞ୍ଜନ ବଳିୟାରସିଂହ ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ ।

## କିଟ୍ ଓ କିସ୍‌ରେ କଳାକୁମ୍ଭ ଉଦ୍‌ଯାପିତ




ଭୁବନେଶ୍ୱର, (ପି.ଏନ): ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟ ପକ୍ଷରୁ କିଟ୍ ଓ କିସ୍ ସହଯୋଗରେ କିସ୍ ପରିସରରେ ଡିସେମ୍ବର ୧୨ ତାରିଖରୁ ଚାଲିଥିବା କଳାକୁମ୍ଭ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ନିକଟରେ କିଟ୍-କିସ୍ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧୀନରେ ଥିବା ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟ (ଏନ୍‌ଜିଏମ୍‌ଏ) ସହ ନୂଆଦିଲ୍ଲୀରେ ଜନଜାତି କଳା, ସଂସ୍କୃତି ଓ ପରମ୍ପରା ସୁରକ୍ଷା ପାଇଁ ଏକ ବୁଝାମଣା ହୋଇଥିଲା । ଏହି ବୁଝାମଣା ଅନୁସାରେ ଡିସେମ୍ବର ୧୨ ତାରିଖରୁ ଆରମ୍ଭ ହୋଇଥିବା କଳାକୁମ୍ଭ ଆଜି ଶେଷ ହୋଇଛି । ପ୍ରଥମ ଥର ପାଇଁ ସମଗ୍ର ଭାରତରେ ଏତେ ବଡ଼ ଆକାରରେ ଓଡ଼ିଶାର କିଟ୍ ଓ କିସ୍‌ରେ ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟର ମହାନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ୬ ଦିନ ଧରି ଚାଲିଥିବା କଳାକୁମ୍ଭରେ ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଭାରତର ଉତ୍ତରପୂର୍ବାଞ୍ଚଳ ରାଜ୍ୟର ୨ଶହରୁ ଉର୍ଦ୍ଧ୍ୱ କଳାକାର ଯୋଗ ଦେଇଥିଲେ । ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ 'ଆଜାଦୀ କା ଅମୃତ ମହୋତ୍ସବ' ଅବସରରେ ଏହି କଳାକୁମ୍ଭ ଅନୁଷ୍ଠିତ ହେଇଥିଲା । ଏହି କଳାକୁମ୍ଭରେ ଯୋଗ ଦେଇଥିବା କଳାକାରମାନେ ୭୫୦ ମିଟର ଲମ୍ବ ବିଶିଷ୍ଟ ଏହି ବିଶାଳ କଳାକୃତି ପ୍ରସ୍ତୁତ କରିଛନ୍ତି । ଏହା ୨୦୨୨ ସ୍ୱାଧୀନତା ଦିବସ ପାଳନର ଏକ ଅଂଶବିଶେଷ ରୂପେ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍‌ଠାରେ ପ୍ରଦର୍ଶନ କରାଯିବ । ଏହି କଳାକୁମ୍ଭ ଆୟୋଜନ ପାଇଁ କିଟ୍ ଓ କିସ୍ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଥିଲା । ଆଜି କିସ୍ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟର ମହାନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକ, ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟର ପରାମର୍ଶଦାତା ହର୍ଷବର୍ଦ୍ଧନ ଶର୍ମା, ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା କଳିଙ୍ଗ ଟିଭି ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ବିଶିଷ୍ଟ ସ୍ଥପତି ତଥା କିଟ୍ ଆର୍କିଟେକଚର ସ୍କୁଲ୍‌ର ନିର୍ଦ୍ଦେଶକ ଏସ ଏସ୍ ରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।କଳାକୁମ୍ଭ ପାଇଁ ସମସ୍ତ କଳାକାରଙ୍କୁ କିଟ୍ ଓ କିସ୍‌ରେ ରହିବା, ଖାଇବା ଏବଂ ପରିବହନ ଆଦି ବ୍ୟବସ୍ଥା କରାଯାଇ କିଟ୍ ଓ କିସ୍ ପକ୍ଷରୁ ଆତିଥ୍ୟ ଯୋଗାଇ ଦିଆଯାଇଥିଲା । କଳାକୁମ୍ଭରେ ଆଜାଦୀ କା ଅମୃତ ମହୋତ୍ସବ ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଜଣା ବୀରଙ୍କ ଜୀବନୀ ଓ ସେମାନଙ୍କ ସଂଗ୍ରାମ ଉପରେ ମେଗା କର୍ମଶାଳା ମଧ୍ୟ ଆୟୋଜନ କରାଯାଇଛି । ଏହି କଳାକୁମ୍ଭରେ କଳାକାରମାନେ ବିଭିନ୍ନ ପ୍ରକାର ଦେଶୀୟ କଳା ପଟ୍ଟଚିତ୍ର, ତାଳ ପଟ୍ଟଚିତ୍ର, ମଞ୍ଜୁଷା, ମଧୁବନୀ ଓ ଯଦୁ ପାଟୁଆ ଆଦି ଉପରେ ସେମାନଙ୍କ କଳାତ୍ମକ ଭାବ ପ୍ରଦର୍ଶନ କରାଯାଇଛି । ଏନ୍‌ଜିଏମ୍‌ଏ ପରାମର୍ଶଦାତା କମିଟିର ଅଧକ୍ଷ ହର୍ଷବର୍ଦ୍ଧନ ଶର୍ମା, ରାମହରି ଜେନା ଓ ବିଜୟନ୍ତ ଦାସଙ୍କ ଭଳି ବିଶିଷ୍ଟ ଶିଳ୍ପୀମାନେ ଏହି କାର୍ଯ୍ୟକୁ ମଧ ସଂଯୋଜନା ଓ ତଦାରଖ କରିଥିଲେ ।ଏଥିରେ ଆନନ୍ଦ ପ୍ରକାଶ କରି ଶ୍ରୀ ସାମନ୍ତ କହିଲେ, କିଟ୍ ଓ କିସ୍‌ରେ କଳାକୁମ୍ଭ ଭଳି ବିଶାଳ କଳାତ୍ମକ କର୍ମଶାଳା ଆୟୋଜିତ ହୋଇପାରିଛି । ଓଡ଼ିଶା ହେଉଛି ଉତ୍କୃଷ୍ଟ କଳାର କ୍ଷେତ୍ର । ତେଣୁ ଓଡ଼ିଶାରେ କଳାକୁମ୍ଭ ଆୟୋଜିତ ହୋଇପାରିଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ । ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ 'ଆଜାଦୀ କା ଅମୃତ ମହୋତ୍ସବ' ଉପଲକ୍ଷେ ଏହା ଆୟୋଜନ କରାଯାଇଛି । ଏହି ବିରାଟ କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସାମିଲ୍ ହୋଇପାରିଥିବାରୁ ଶ୍ରୀ ସାମନ୍ତ ଖୁସି ବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ କିଟ୍ ଓ କିସ୍‌ରେ ଆୟୋଜନ କରାଇପାରିଥିବାରୁ ଶ୍ରୀ ସାମନ୍ତ ଏନ୍‌ଜିଏମ୍‌ଏର ମହାନିର୍ଦ୍ଦେଶକ ଶ୍ରୀଯୁକ୍ତ ଗଡ଼ନାୟକଙ୍କୁ ସାଧୁବାଦ ଜଣାଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray